

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର, ୨୦ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 20 JULY 2022

Vol.No. 35 ■ No. 188 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୌରିନ୍ଦ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧

ଗୋଟେ ପଟେ ଆଲୋଚନା : ଅନ୍ୟପଟେ ଲଦାଖ ନିକଟରେ ସମରାଭ୍ୟାସ କରୁଛି ଡ୍ରାଗନ

ନୂଆଦିଲ୍ଲୀ, ୧୯/୦୭ : ଏଲଏଏସିକୁ ନେଇ ଭରତ ଓ ଚୀନ ମଧ୍ୟରେ ବିବାଦ ଜାରି ରହିଥିବାବେଳେ ପୁଣି ଥରେ ସୀମା ନିକଟରେ ଡ୍ରାଗନ ଏଭଳି କିଛି କାମ କରିଛି ଯାହା ଭାରତର ଚିନ୍ତାକୁ ବୃଦ୍ଧି କରିଛି । ଲଦାଖ ପ୍ୟାଙ୍ଗୋଙ୍ଗ ହ୍ରଦ ପାଖରେ ଚୀନ ପିପୁଲସ ଲିବରେସନ ଆର୍ମି ସେନାଭ୍ୟାସ କରୁଥିବା ଜଣାପଡିଛି । ଏହି ଖବର ସମ୍ବନ୍ଧିତ ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି । ପୂର୍ବ ଲଦାଖ ସୀମା ବିବାଦକୁ ନେଇ ଭାରତ ଓ ଚୀନ ମଧ୍ୟରେ ତିକ୍ତତାପୂର୍ଣ୍ଣ ପରିସ୍ଥିତି ଜାରି ରହିଛି । କିଭଳି ଏହି ବିବାଦର ସମାଧାନ ମିଳିବ ସେ ନେଇ ବାରମ୍ବାର ଦୁଇ ଦେଶ ମଧ୍ୟରେ କମାଣ୍ଡର ସ୍ତରୀୟ ବୈଠକ ବସୁଛି । ଗୋଟେ ପଟେ ଚୀନ ଆଲୋଚନା ମାଧ୍ୟରେ ସମାଧାନ ବାହାର କରିବା ପାଇଁ ନିଜର ଆଗ୍ରହ ଦେଖାଉଛି ଅନ୍ୟପଟେ ଏଲଏସିରେ ନିକଟରେ କରୁଛି ସେନଭ୍ୟାସ । ପାଙ୍ଗୋଙ୍ଗୋ ନିକଟରେ ଥିବା ତ୍ରୋସ ହ୍ରଦ ନିକଟରେ ଡ୍ରାଗନ ଯୁଦ୍ଧାଭ୍ୟାସ କରୁଥିବା ଏକ ଭିଡିଓ ଏବେ ସାମ୍ନାକୁ ଆସିଛି । ଭିଡିଓରେ ଦେଖିବାକୁ ମିଳିଛି କିଭଳି ହ୍ରଦ ଉପର ଦେଇ ଉଡିବୁଲୁଛି ଚୀନ ସେନା ଲଢୁଆ ହେଲିକପ୍ଟର । ସବୁଠୁ ଚିନ୍ତାର କଥା ହେଉଛି ଚୀନ ଏହି ହ୍ରଦ ଉପରେ ପୋଲ ନିର୍ମାଣ କରୁଥିବାର ଏକ ସାଟେଲାଇଟ ଫଟୋ କିଛି ଦିନ ପୂର୍ବରୁ ଜାରି ହୋଇଥିଲା । ଏଠାରେ ପୋଲ ନିର୍ମାଣ ପଛରେ ଚୀନର ଏକ ବଡ ଯୋଜନା ରହିଛି । ଭବିଷ୍ୟତରେ ଯଦି ପ୍ୟାଙ୍ଗୋଙ୍ଗ ହ୍ରଦକୁ ନେଉ ଚୀନ ଓ ଭାରତ ମୁହାଁମୁହିଁ ହେବେ ତେବେ ସଫଳତା ପାଇଁ ଏହି ପୋଲ ଚୀନ ପାଇଁ ବଡ ସହାୟକ ସାବ୍ୟସ୍ତ ହେବ । ଚୀନର ସମସ୍ତ ପ୍ରକାର ସ୍ଥିତିର ମୁକାବିଲା ପାଇଁ ଭାରତ ମଧ୍ୟ ବେଶ ସଜାଗ ରହିଛି । ଭାରତୀୟ ବାୟୁସେନା ମୁଖ୍ୟ ଏୟାରମାର୍ଶଲ ବିଆର ଚୌଧୁରୀ ନିକଟରେ ଚୀନର ହରକତକୁ ନେଇ ବଡ ବୟାନ ରଖିଥିଲେ । ▶▶ପୃଷ୍ଠା ୭

ରାଜ୍ୟ କ୍ୟାବିନେଟ ବୈଠକରେ ୧୭ଟି ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,୧୯/୦୭ (ନି.ପ୍ର): ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟରେ ୧୭ଟି ପ୍ରସ୍ତାବକୁ ଅନୁମୋଦନ ଦିଆ ଯାଇଛି । ବିଧାନସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଂଜନ ପୁଜାରୀ ତଥା ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲିକ ଏ ସମ୍ପର୍କରେ ସୂଚନା ଦେଇଥିଲେ । ମିଳିଥିବା ସୂଚନା ଅନୁସାରେ ଆଜି ପୂର୍ବାହ୍ନ ୧୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଏହି ବୈଠକରେ ୧୭ଟି ପ୍ରସ୍ତାବ ପାରିତ ହୋଇଛି ।ପାଇକ ସ୍ମାରକୀ ପାଇଁ ଜିମି ଦେଲେ ସରକାର । ବରୁଣେଇରେ ସହିଦ ସ୍ମାରକି ପାଇଁ ସରକାର ୯.୬୮ ଏକର ଜମି ପ୍ରଦାନ କରିଛନ୍ତି ରାଜ୍ୟ ସରକାର । ଏଥିସହିତ ସେହିଭଳି କ୍ୟାବିନେଟରେ ପ୍ରକଳ୍ପ ନିର୍ମାଣ ପାଇଁ ୧୪୯.୬୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଅନୁମୋଦନ ହୋଇଛି । କ୍ୟାବିନେଟ ବୈଠକରେ ୨୦୨୨ ଆଇଟି ପଲିସିକୁ କ୍ୟାବିନେଟ ଅନୁମୋଦନ ଦେଇଛି । ଆଇଟି କ୍ଷେତ୍ରରେ ଅଧିକ ନିଯୁକ୍ତି ଓ ପୁଞ୍ଜିନିବେଶର ଲକ୍ଷ୍ୟ ରଖି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ପାରିତ ହୋଇଛି । ସେହିପରି ପୁରୀ ଅବଢ଼ା' ଯୋଜନାର ଧର୍ମାଶାଳା ନିର୍ମାଣ ପାଇଁ ୧୩୫ କୋଟି ଟଙ୍କା ଅନୁମୋଦନ ପ୍ରଦାନ କରାଯାଇଛି । ରାୟଗଡ଼ା ୧୫ଟି ପାନୀୟଜଳ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ ହୋଇଛି ।ସେହିଭଳି ଓଡ଼ିଶା ଲୋକାୟୁକ୍ତଙ୍କର ୨୦୨୧ ବର୍ଷର ବାର୍ଷିକ ରିପୋର୍ଟକୁ କ୍ୟାବିନେଟରେ ମଂଜୁରୀ ମିଳିଛି । ସେହିପରି ରାଜ୍ୟ ସରକାର ୪ ଜିଲ୍ଲାକୁ ମନରେଗା ଯୋଜନାରେ ଅଧିକ ୨୦୦ ଦିନ କାମ ଯୋଗାଇ ଦେବେ । ବଲାଙ୍ଗିର, କଳାହାଣ୍ଡି, ବରଗଡ଼, ନୂଆପଡ଼ାର ୨୦ ବ୍ଲକରେ ଲାଗୁ ହେବ । ଦାଦନ ପ୍ରବଣ ବ୍ଲକରେ କାମ ଯୋଗାଇବା ▶▶ପୃଷ୍ଠା ୭

ନୁପୁର ଶର୍ମାଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୯/୦୭ : ନୁପୁର ଶର୍ମାଙ୍କୁ ଆଶ୍ୱସ୍ତି । ଆଜି ତାଙ୍କ ଉପରେ ହୋଇଥିବା ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଆସନ୍ତା ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ନୁପୁର ଶର୍ମାଙ୍କ ଗିରଫଦାରୀ ଉପରେ ସୁପ୍ରିମକୋର୍ଟ ରୋକ୍ ଲଗାଇ ଦେଇଛନ୍ତି । ଏହି ତାରିଖରେ ହିଁ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଏଥିସହିତ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ମଧ୍ୟ ନୋଟିସ୍ ଜାରି କରି ସୂଚନା ଦେଇଛନ୍ତି । କୋର୍ଟରେ ନୁପୁର ଶର୍ମାଙ୍କ ଓକିଲ କହିଛନ୍ତି ଯେ, ଲଗାତାର ନୁପୁରଙ୍କୁ ହତ୍ୟା ଧମକ ମିଳୁଛି । ପ୍ରଫେଟ୍ ମହମ୍ମଦଙ୍କୁ ନେଇ ଦେଇଥିବା ଟିପ୍ପଣୀ ଯୋଗୁ ତାଙ୍କ ବିରୋଧରେ ମୋଟ ୯ଟି ଏଫଆଇଆର ରୁଜୁ ହୋଇଛି । ଯାହାର ଶୁଣାଣି ଆଜି ହୋଇଥିଲା । ନୁପୁରଙ୍କ ଓକିଲ ଆହୁରି ମଧ୍ୟ କହିଥିଲେ ଯେ, ତାଙ୍କ ସମସ୍ତ ମାମଲାକୁ ଦିଲ୍ଲୀ ଟ୍ରାନ୍ସଫର କରାଯାଉ । ସମସ୍ତ ଅଭିଯୋଗ ଗୋଟିଏ କାରଣକୁ ନେଇ ହୋଇଥିବାରୁ ଏହାକୁ ଦିଲ୍ଲୀ ଟ୍ରାନ୍ସଫର କରିବାକୁ ସେ ଅନୁରୋଧ ▶▶ପୃଷ୍ଠା ୭

ଉପରାଷ୍ଟ୍ରପତି ନିର୍ବାଚନ : ନାମାଙ୍କନ ଦାଖଲ କଲେ ମାର୍ଗାରେଟ ଆଲଭା

ନୂଆଦିଲ୍ଲୀ, ୧୯/୦୭ : ଉପ ରାଷ୍ଟ୍ରପତି ନିର୍ବାଚନ ରେସ୍‌ରେ ବଧିବଦ୍ଧ ଭାବେ ସାମିଲ ହୋଇଛନ୍ତି ବରିଷ୍ଠ କଂଗ୍ରେସ ନେତା ମାର୍ଗାରେଟ ଆଲଭା । ବିରୋଧୀ ମେଣ୍ଟର ପ୍ରାର୍ଥୀ ଭାବେ ମାର୍ଗାରେଟ ଆଜି ନିଜର ନାମାଙ୍କନ ଦାଖଲ କରିଛନ୍ତି । ସଂସଦ ଭବନରେ ସେ ପ୍ରାର୍ଥିପତ୍ର ଦାଖଲ କରିବା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧି, ମଲ୍ଲିକାର୍ଜୁନ ଖାଡଗେ, ଅଧିର ରଞ୍ଜନ ଚୌଧୁରୀ, ସିପିଏମର ସୀତାରାମ ୟେଚୁରୀ, ସିପିଆଇର ଡି ରାଜା, ଏନସିପି ସୁପ୍ରିମୋ ଶରଦ ପାଓ୍ୱାର ଓ ଶିବସେନା ସାଂସଦ ସଞ୍ଜୟ ରାଉତଙ୍କ ଠାରୁ ଆରମ୍ଭ କରି ଅନେକ ବିରୋଧୀ ଦଳର ନେତା ଉପସ୍ଥିତ ଥିଲେ । ଆସନ୍ତା ଅଗଷ୍ଟ ୬ ତାରିଖରେ ଉପ ରାଷ୍ଟ୍ରପତି ପଦ ପାଇଁ ଭୋଟିଂ ହେବ । ବିରୋଧୀ ମେଣ୍ଟର ପ୍ରାର୍ଥୀ ମାର୍ଗାରେଟଙ୍କ ସିଧାସଳଖ ଲଢ଼େଇ ଏନଡିଏ ପ୍ରାର୍ଥୀ ଜଗଦୀପ ଧନଖଡ଼ଙ୍କ ସହ ହେବ । ଶ୍ରୀ ଧନଖଡ଼ ସୋମବାର ନାମାଙ୍କନ ଦାଖଲ କରିଛନ୍ତି । ସଂଖ୍ୟା ଦୃଷ୍ଟିରୁ ଏନଡିଏ ପ୍ରାର୍ଥୀ ଧନଖଡ଼ଙ୍କ ପଲ୍ଲାଭାରୀ ରହିଛି । ନାମାଙ୍କନ ଦାଖଲ କରିବା ପରେ ମାର୍ଗାରେଟ କହିଛନ୍ତି, "ମୋ ପ୍ରାର୍ଥିତ୍ୱକୁ ସମର୍ଥନ କରିବାକୁ ସବୁ ବିରୋଧୀ ଦଳ ଆଜି ଏକାଠି ଆସିଥିଲେ । ଏହା ହିଁ ଭାରତର ବାସ୍ତବ ଚିତ୍ରକୁ ଦର୍ଶାଉଛି । ଏହି ମହାନ ଦେଶର ବିଭିନ୍ନ କୋଣ ଅନୁକୋଣରୁ ଆମେ ଆସିଛୁ । ଆମେ ଭିନ୍ନଭିନ୍ନ ଭାଷା କହିବା ସହ ବିଭିନ୍ନ ଧର୍ମ ଓ ସଂସ୍କୃତିକୁ ଅନୁସରଣ କରୁଛୁ । ଆମ ଏକାଠି ହିଁ ଆମର ବିବିଧତା । ଏହା ହିଁ ଆମର ଶକ୍ତି । ମୁଁ ଜାଣିଛି ଏହା ଏକ କଠିନ ଲଢ଼େଇ । କିନ୍ତୁ ରାଜନୀତିରେ ହାରିବା ଓ ଜିତିବା ବଡ଼ କଥା ନୁହେଁ । ମୁଖ୍ୟ ପ୍ରସଙ୍ଗ ହେଉଛି ଯୁଦ୍ଧ ଲଢ଼ିବା । ମୋର କାହାକୁ ବି ▶▶ପୃଷ୍ଠା ୭

ଭିଜିଲାନ୍ସ ଜାଲରେ ସରକାରୀ ଡାକ୍ତର

ଭୁବନେଶ୍ୱର,୧୯/୦୭ (ନି.ପ୍ର): ଭିଜିଲାନ୍ସ ଜାଲରେ ସରକାରୀ ଡାକ୍ତର । ଢେଙ୍କାନାଳ ହସ୍ପିଟାଲର ମେଡିସିନ ସ୍ପେସିଆଲିଷ୍ଟ ଡାକ୍ତର ଉମାକାନ୍ତ ଖେଜୁରିଆ ଏଲଆଇସି ଡେଥ କ୍ଲେମ କେସ ବାବଦରେ ଫର୍ମ ଦସ୍ତଖତ କରାଇବା ପାଇଁ ଲାଂଚ ନେଉଥିଲେ । ଏଜେଂଟଙ୍କ ଠାରୁ ୧୧ ହଜାର ଟଙ୍କା ଲାଂଚ ନେବାବେଳେ ମାଡିବସିଲେ ଭିଜିଲାନ୍ସ ଅଧିକାରୀ । କଟକ ଓ ଢେଙ୍କାନାଳର ଭିଜିଲାନ୍ସ ଟିମ୍ ମିଳିତ ଭାବେ କରିଥିଲେ ଚଢାଉ । ଢେଙ୍କାନାଳ ସଗର ଚାଉଳିଆ ଗାଁର ପଲିସି ହୋଲ୍ଡର ନନ୍ଦିନୀ ନାୟକ ଏଲଆଇସିରେ ଏକ ବିମା କରିଥିଲେ । ତାଙ୍କ ମୃତ୍ୟୁ ପରେ ଡେଥ କ୍ଲେମ ପାଇଁ ଏଲଆଇସି ଏଜେଂଟ ବୈକୁଣ୍ଠ ଚରଣ ସାହୁଙ୍କ ନିକଟରୁ କ୍ଲେମ୍ ପାଇଁ ଡାକ୍ତର ଉମାକାନ୍ତ ଖେଜୁରିଆଙ୍କ ଠାରୁ ଫର୍ମ ଦସ୍ତଖତ କରାଇଥିଲେ । ଆଉ ଏଥିପାଇଁ ୧୧ ହଜାର ଟଙ୍କାର ଲାଂଚ ନେଉଥିଲେ ଡାକ୍ତର ଜଣଙ୍କ ।

ଚଳିତ ବର୍ଷ ଯୁକ୍ତ ୨ରେ ଶତ ପ୍ରତିଶତ ସିଲାବସ୍

ଭୁବନେଶ୍ୱର,୧୯/୦୭ (ନି.ପ୍ର): ଚଳିତ ବର୍ଷ ଶତପ୍ରତିଶତ ସିଲାବସ୍ କୁ ନେଇ ଯୁକ୍ତ ୨ ପାଠପଢ଼ା ଓ ପରୀକ୍ଷା କରାଯିବ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏନେଇ ମଙ୍ଗଳବାର ଦିନ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ୨୦୨୩ରେ ପରୀକ୍ଷା ଦେବାକୁ ଥିବା ପିଲାମାନେ ଶତପ୍ରତିଶତ ସିଲାବସ୍ ପଢ଼ିବେ । ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ଉପରେ ଏହା ସମ୍ପୂର୍ଣ୍ଣ ଲାଗୁ ହେବ । ତେବେ ୨୦୨୨ରେ ଫେଲ୍ ପିଲା ପୁରୁଣା ସିଲାବସ୍ ରେ ଆସନ୍ତା ବର୍ଷ ପରୀକ୍ଷା ଦେବେ । ଏଥିସହ ୨୦୨୩ ମସିହା ମାଟ୍ରିକ୍ ପରୀକ୍ଷା ପରେ ଓ ଏହାର ଆଗକୁ ମଧ୍ୟ ପାସ୍ ଛାତ୍ରଛାତ୍ରୀମାନେ ପୂରା ସିଲାବସ୍ ଉପରେ ପାଠପଢ଼ି ପରୀକ୍ଷା ଦେବେ ।

ଖାଦ୍ୟ ଯୋଗାଣ ଓ ସମବାୟ ବିଭାଗର ଖର୍ଚ୍ଚ ଦାବି ପାରିତ : ଏଟିଏମ୍‌ରେ ମିଳିବ ଚାଉଳ

ଭୁବନେଶ୍ୱର,୧୯/୦୭ (ନି.ପ୍ର): ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ବିଭାଗର ଖର୍ଚ୍ଚ ଦାବି ଗୃହୀତ ହୋଇଛି । ଖାଦ୍ୟ ଯୋଗାଣ ବିଭାଗର ୧୨୦୫ କୋଟି ୩୫ ଲକ୍ଷ ୪୯ ହଜାର ଟଙ୍କା ଏବଂ ସମବାୟ ବିଭାଗର ୧୯୪୧ କୋଟି ୧୪ ଲକ୍ଷ ୧୫ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି । ବିଭାଗୀୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହି ଦୁଇଟି ଖର୍ଚ୍ଚଦାବି ଉପସ୍ଥାପିତ କରିଥିଲେ । ଏଣିକି ଓଡ଼ିଶାରେ ଏଟିଏମରୁ ଲୋକଙ୍କୁ ମିଳିବ ଟଙ୍କିକିଆ ଚାଉଳ । ସେହିପରି ୨୪ ଘଂଟା ରାସନ ଯୋଗାଇ ଦେବା ଲାଗି ଅଲଟାଇମ ଗ୍ରେନ ବ୍ୟବସ୍ଥା ବା ଏଟିଜି ଯୋଜନା ଆଣିବାକୁ ଯାଉଛନ୍ତି ରାଜ୍ୟ ସରକାର । ଖୁବଶୀଘ୍ର ଭୁବନେଶ୍ୱରରୁ ଆରମ୍ଭ ହେବ ଏହି ଯୋଜନାର ପାଇଲଟ ପ୍ରକଳ୍ପ । ଖର୍ଚ୍ଚ ଦାବି ଆଲୋଚନା ବେଳେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଶ୍ରୀ ନାୟକ ଏହି ସୂଚନା ଦେଇଛନ୍ତି ।

ଆଇଏଲଏସ୍ ନିର୍ଦ୍ଦେଶକ ଡକ୍ଟର ଅଜୟ ପରିଡ଼ାଙ୍କ ବିୟୋଗ

ଭୁବନେଶ୍ୱର,୧୯/୦୭ (ନି.ପ୍ର): ଦେଶର ଜଣାଶୁଣା ଜୀବବିଜ୍ଞାନୀ ତଥା ଆଇଏଲଏସ୍ ନିର୍ଦ୍ଦେଶକ ଡକ୍ଟର ଅଜୟ ପରିଡ଼ାଙ୍କର ଗୌହାଟୀରେ ପରଲୋକ ଘଟିଥିବା ଜଣାଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ହୋଇଥିଲା । ସେ କେନ୍ଦ୍ର ସରକାରଙ୍କ ଏକ ସମ୍ମିଳନୀରେ ଯୋଗ ଦେବା ପାଇଁ ଗୌହାଟୀ ଯାଇଥିଲେ । ସେଠାରେ ତାଙ୍କର ହୃଦଘାତ ହୋଇଥିଲା ଏବଂ ସେ ଶେଷନିଶ୍ୱାସ ତ୍ୟାଗ କରିଥିଲେ । ଉଲ୍ଲେଖନୀୟ ଯେ ଡକ୍ଟର ଅଜୟ ପରିଡ଼ା ଯାଜପୁର ଜିଲ୍ଲାର ଭଗବାନପୁରରେ ଜନ୍ମଗ୍ରହଣ କରିଥିଲେ । ସେ ୨୦୦୯ରୁ ୨୦୧୭ ଯାଏ ଏମଏସ ସ୍ୱାମୀନାଥନ୍ ଇନଷ୍ଟିଟ୍ୟୁଟର କାର୍ଯ୍ୟବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ । ଭାରତୀୟ ଜୀବବିଜ୍ଞାନୀ ଭାବେ ଡକ୍ଟର ଅଜୟ ପରିଡ଼ାଙ୍କର କୃଷି, ଉଦ୍ଭିଦ ମଲିକୁଲାର ବାୟୋଲୋଜି ଏବଂ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଯଥେଷ୍ଟ ସୁନାମ ଥିଲା । ୨୦୧୪ ମସିହାରେ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ବିଭାଗରେ ନିଜର ଉତ୍କର୍ଷତା ପ୍ରତିପାଦନ କରି ଡକ୍ଟର ଅଜୟ ପରିଡ଼ା ତତକାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଠାରୁ ପଦ୍ମଶ୍ରୀ ସମ୍ମାନ ଗ୍ରହଣ କରିଥିଲେ ।

୩୭ଜଣ ଓଏଏସଙ୍କ ବଦଳି : ୩୦ ବ୍ଲକରେ ନୂଆ ବିଡିଓ

ଭୁବନେଶ୍ୱର,୧୯/୦୭ (ନି.ପ୍ର): ରାଜ୍ୟ ସରକାର ଆଜି ୩୭ଜଣ ଓଏଏସ୍ ଅଫିସରଙ୍କ ବଦଳି କରିଛନ୍ତି । ସେମାନଙ୍କ ମଧ୍ୟରେ ୩୦ଜଣଙ୍କୁ ବିଡିଓ ଭାବେ ବିଭିନ୍ନ ବ୍ଲକରେ ଅବସ୍ଥାପିତ କରାଯାଇଥିବାବେଳେ ଅନ୍ୟ ୭ଜଣଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗକୁ ଫେରାଇ ଦିଆଯାଇଛି । ଆଜି ପଂଚାୟତିରାଜ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୭ଜଣ ଓଏଏସ୍ ଅଫିସର ତୃପ୍ତି ବରାଇ- ବିଜେପୁର ବିଡିଓ, ବୁଲବୁଲ ବେହେରା- କଙ୍କଡ଼ାହାଡ଼ ବିଡିଓ, ସୁଷମା ବାରିକ- ଚିଲିକା ବିଡିଓ, ଆଶୀର୍ବାଦ ପରିଡ଼ା- ଭୁବନ ବିଡିଓ, ତନ୍ମୟ ରଞ୍ଜନ ଜେନା- କୁକୁଡ଼ାଖଣ୍ଡି ବିଡିଓ, ପ୍ରଭାକର ପଣ୍ଡା- ବାରଙ୍ଗ ବିଡିଓ, ଶଙ୍କର୍ଷଣ ବେହେରା – ରାଜବୋରସମ୍ବା ବିଡିଓଙ୍କୁ ରାଜସ୍ୱ ବିଭାଗକୁ ଫେରାଇ ଦିଆଯାଇଛି ଓ ସେମାନଙ୍କୁ ନୂଆ ନିଯୁକ୍ତି ମିଳିଛି । ସେହିପରି ଅନ୍ୟ ୩୦ଜଣ ଓଏଏସ୍ ଅଫିସରଙ୍କୁ ୩୦ଟି ବ୍ଲକରେ ବିଡିଓ ଭାବେ ନିଯୁକ୍ତି ମିଳିଛି । ଓଏଏସ୍ ଦେବଯାନୀ ଭୂୟାଁଙ୍କୁ ବିଜେପୁର ବିଡ଼ିଓ ଭାବେ ବଦଳି କରାଯାଇଥିବାବେଳେ ସଂଗ୍ରାମ କେଶରୀ ପରିଡ଼ାଙ୍କୁ ବରପାଲି, ତ୍ରିବିକ୍ରମ ଖୁମୁରାଙ୍କୁ ଛେଣ୍ଡିପଦା, ଶିବଶଙ୍କର ମିଶ୍ରଙ୍କୁ ହିନ୍ଦୋଳ, ଚିନ୍ମୟୀ ଚେତନା ଦାଶଙ୍କୁ ତାଳଚେର, ସତ୍ୟବାନ ନାୟକଙ୍କୁ ବାଙ୍ଗିରିପୋଷି, ଲଲାଟେନ୍ଦୁ ସିଙ୍କୁ ରାସଗୋବିନ୍ଦପୁର, ଯୋଗରଞ୍ଜନ ନାୟକଙ୍କୁ ବିଜିତୋଳା, ଆଶିଷ ରଞ୍ଜନ ସିଂଙ୍କୁ ଗଦିଆ, କଲ୍ୟାଣ ସୌରଭ ଦାଶଙ୍କୁ ଭୁବନ, ଜଗଦୀଶ ଷଡ଼ଙ୍ଗୀଙ୍କୁ ଚିଲିକା,, ଶିଭାଶୀଷ ବରାଳଙ୍କୁ ଶେରଗଡ଼, କୈଳାସ ଚନ୍ଦ୍ର ମୁର୍ମୁଙ୍କୁ ପୋଲସରା, ଶଶୀଭୂଷଣ ମହାପାତ୍ରଙ୍କୁ ଭଞ୍ଜନଗର, ପୁନମ ରାଉତଙ୍କୁ ଜଳେଶ୍ୱର, ବାସନ୍ତୀ ସେଠୀଙ୍କୁ ନର୍ଲା, ଶରତ ଚନ୍ଦ୍ର ପାତ୍ରଙ୍କୁ ବାଲିଗୁଡ଼ା, ବିଶ୍ୱରଞ୍ଜନ ବିଶ୍ୱାସଙ୍କୁ ବାରଙ୍ଗ, ▶▶ପୃଷ୍ଠା ୭

ରୁଚିକାଙ୍କୁ ନ୍ୟାୟ ଦାବିରେ ଆଜି ଓଡ଼ିଶା ବନ୍ଦ : ସ୍ୱାଭାବିକ ରହିଛି ଯାନବାହାନ ଚଳାଚଳ

ଭୁବନେଶ୍ୱର,୧୯/୦୭ (ନି.ପ୍ର): ବିଜେବି କଲେଜ୍ ଛାତ୍ରୀ ରୁଚିକା ମହାନ୍ତି ମୃତ୍ୟୁ ମାମଲାରେ ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ଆଜି ଓଡ଼ିଶା ବନ୍ଦ ପାଳନ କରାଯାଉଛି । ତେବେ ଏହି ଆନ୍ଦୋଳନର ବିଶେଷ ପ୍ରଭାବ ଦେଖିବାକୁ ମିଳି ନାହିଁ । ବନ୍ଦକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଅନ୍ୟ ପ୍ରମୁଖ ସ୍ଥାନ ମାନଙ୍କରେ ସୁରକ୍ଷା ବ୍ୟବସ୍ଥାକୁ କଡା କଡି କରା ଯାଇଛି । ରାଜ୍ୟର ଅଧିକାଂଶ ସ୍ଥାନରେ ବସ୍ ସମେତ ଅନ୍ୟାନ୍ୟ ଯାନବାହାନ ଚଳାଚଳ ସକାଳେ ସ୍ୱାଭାବିକ ଥିବାର ସୂଚନା ରହିଛି । କଟକ-ଭୁବନେଶ୍ୱରରେ ମୋ ବସ୍ ଚଳାଚଳ କାରୁଛି । କିଛି ସ୍ଥାନରେ ଓଡ଼ିଶା ବନ୍ଦ ପାଳନ ବେଳେ ପୋଲିସ ସହ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି । ଭୁବନେଶ୍ୱର ଲକ୍ଷ୍ମୀସାଗର ଛକରେ ପୋଲିସ ସହ ମୁହାଁମୁହିଁ ହୋଇଛନ୍ତି । ଏଣେ ବନ୍ଦ ପାଳନ ବେଳେ ଅପ୍ରୀତିକର ପରିସ୍ଥିତି ଯେପରି ନ ଘଟେ ସେଥିପ୍ରତି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଅଧିକାଂଶ ବଡ଼ବଡ଼ ଛକରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି । ରୁଚି

ଦୁଇ ବର୍ଷ ପରେ ଗୁପ୍ତେଶ୍ୱର ପୀଠରେ ଭକ୍ତଙ୍କ ଭିଡ଼

ଜୟପୁର,୧୯/୦୭ (ନି.ପ୍ର): ଆରମ୍ଭ ହୋଇଛି ଶ୍ରାବଣ ମାସ। ଶ୍ରାବଣ ମାସକୁ ଏକ ପୂଣ୍ୟ ମାସ ଭାବେ ମନାଯାଏ । ଶିବଙ୍କର ଏହି ମାସର ପ୍ରତ୍ୟେକ ସୋମବାର ବେଶ୍ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱାସ ରହିଛି ଯେ, ଶ୍ରାବଣ ସୋମବାରରେ ଶିବଙ୍କ ପୂଜାର୍ଚ୍ଚନା କରି ଯାହାବି ମାଗିବେ ଆପଣଙ୍କ ମନସ୍କାମନା ନିଶ୍ଚୟ ପୂରା ହେବ। ଏହି ବିଶ୍ୱାସ ନେଇ ଆଜି ଶ୍ରାବଣ ପ୍ରଥମ ସୋମବାରରେ ବିଭିନ୍ନ ଶଇବ ପୀଠରେ ଭକ୍ତଙ୍କ ଭିଡ଼ ଜମିଥିବା ବେଳେ କୋରାପୁଟର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ କାଉଡ଼ିଆଙ୍କ ଭିଡ଼ ଲାଗିଛି। ଗୁପ୍ତେଶ୍ୱର ପୀଠରେ ଦେବଦେବ ମହାଦେବଙ୍କ ମସ୍ତକରେ ଜଳଲାଗି କରୁଛନ୍ତି କାଉଡ଼ିଆ ଭକ୍ତ । ଗତକାଲି ନଦୀ ଘାଟରେ କାଉଡ଼ିଆଙ୍କ ଭିଡ଼ ଜମିଥିବା ବେଳେ ଆଜି ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଛି। ବୋଲବମ ଶବ୍ଦର ଉଚ୍ଚାରଣ ସହ କାନ୍ଧରେ ବାଉଁଶ ଭାରାରେ ଜଳପୂର୍ଣ୍ଣ କଳସୀ ବୋହି ପାଦରେ ଚାଲି ଚାଲି ଆସି ପହଂଚିଛନ୍ତି ଗୁପ୍ତେଶ୍ୱର ପୀଠରେ। ଆଜି ଭୋର ଠାରୁ ମନ୍ଦିରର ପାଦଦେଶରୁ ଲମ୍ବା ଧାଡିରେ ଆସି ଶ୍ରଦ୍ଧାଳୁମାନେ ଠାକୁର ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରୁଛନ୍ତି।

ଗତ ଦୁଇ ବର୍ଷ କୋଭିଡ କଟକଣା ଲାଗି ଶ୍ରଦ୍ଧାଳୁ ଶ୍ରାବଣରେ ସାଧାରଣ ଦର୍ଶନରୁ ବଂଚିତ ଥିଲେ କିନ୍ତୁ ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ସାଧାରଣ ଦର୍ଶନ ପାଇଁ ସୁଯୋଗ ରହିଥିବା ଯୋଗୁଁ ଆଜି ପୀଠରେ ଅଧିକ ଭକ୍ତଙ୍କ ଭିଡ଼ ଜମିଛି ଆଉ ରୀତିନୀତି ଅନୁଯାୟୀ ଦେବଦେବ ମହାଦେବ ଭଗବାନ ଶିବଙ୍କ ପୂଜାର୍ଚନା କରାଯାଇଛି ବୋଲି ମୁଖ୍ୟ ପୂଜକ ପ୍ରକାଶ କରିଛନ୍ତି। ଅନ୍ୟପଟେ ଭକ୍ତଙ୍କ ସୁବିଧା ନିମନ୍ତେ ପ୍ରଶାସନ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା କରାଯାଇଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପୋଲିସ, ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ବୋଲି ଅତିରିକ୍ତ ତହସିଲଦାର ସଂଜୀବ କୁମାର ସାହୁ ପ୍ରକାଶ କରିଛନ୍ତି। ଦୀର୍ଘ ୨ ବର୍ଷ ପରେ ବୋଲବମ ଆରମ୍ଭ ହୋଇଛି। ଗୁପ୍ତେଶ୍ୱର ପୀଠ ମଧ୍ୟ ଚଳଚଂଚଳ ହୋଇଛି।

କୋଟଗଡରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

କନ୍ଧମାଳ,୧୯/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବିଡ଼ିଓ ଗଦାଧର ପାତ୍ର ଓ ସିମନବାଡି ବନ ବିଭାଗ ରେଞ୍ଜ ପକ୍ଷରୁ ରେଞ୍ଜରଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା । ଏହି ଅବସରରେ ଦନେକବାଡି ପଂଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡ଼ିଓ ଗଦାଧର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରି୍ୱ ସହ ଜଙ୍ଗଲ ସୁରକ୍ଷା କରିବା ସହ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ପାଇଁ ଉପସ୍ଥିତ ଲୋକଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଜଙ୍ଗଲରେ ନିଆଁ ନଲଗାଇବା, ବନ୍ୟଜନ୍ତୁଙ୍କ ସୁରକ୍ଷା କରିବାନେଇ ସଚେତନ କରିଥିଲେ ବିଡ଼ିଓ ପାତ୍ର । ଆଉ ପ୍ରତ୍ୟେକ ଲୋକ ନିଜ ଜୀବନ କାଳରେ କିଛିକିଛି ଗଛ ଲଗାଇ୍ୱ ସହ ତାକୁ ବଂଚାଇ ରଖିଲେ ଭବିଷ୍ୟ ପିଢ଼ି ପରିବେଶ ପ୍ରଦୂଷଣରୁ ରକ୍ଷା ପାଇବେ ବୋଲି ବିଡ଼ିଓ ଗଦାଧର ପାତ୍ର କହିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ ବିଭାଗ ଫରେଷ୍ଟର ପ୍ରଶନ୍ନ ପାତ୍ର, ଡ଼ମ୍ବୁରୁ ଧର ଦିଗଲ, ପ୍ରିୟଙ୍କା ନାୟକ ସରପଂଚ ଧନଞ୍ଜୟ ପ୍ରଧାନଙ୍କ ସମେତ ଏହି କାର୍ଯ୍ୟକ୍ରମରେ ବହୁ ପଦସ୍ତ ଅଧିକାରୀଙ୍କ ସମେତ ପ୍ରଦାନ ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତା, ସ୍ଥାନୀୟ ଜନସାଧାରଣ ବୁଦ୍ଧିଜୀବୀ, ଛାତ୍ର ଛାତ୍ରୀ, ବନ ବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରିଥିଲେ । ବିଡ଼ିଓ ପାତ୍ର ପ୍ରଶାସନିକ ଦାୟିତ୍ୱ ନିଷ୍ଠା,ଓ ଆନ୍ତରିକତା ସାଙ୍ଗକୁ ସୁଚାରୁରୂପେ ତୁଲାଇବାସହ ଜଙ୍ଗଲ ଓ ପରିବେଶ ସୁରକ୍ଷା ସାଙ୍ଗକୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପ୍ରତି ଥିବା ଆଗ୍ରହ ଦେଖି ବିଡ଼ିଓ ଶ୍ରୀ ପାତ୍ରଙ୍କୁ ଭୁରି ଭୁରି ପ୍ରଶଂସା କରିଥିଲେ ।

ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଗୋଷ୍ଠି ଶୌଚାଳୟ ନିର୍ମାଣ ଦାବି

ଜୟପୁର,୧୯/୦୭ (ନି.ପ୍ର): ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଗୋଷ୍ଠି ଶୌଚାଳୟ ନିର୍ମାଣ କରିବାକୁ ଦାବୀ ହୋଇଛି । ଉମୁରି ସରପଂଚ ସବିତା ନାୟକଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନଙ୍କ ଦ୍ୱାରସ୍ଥ ହୋଇ ଦାବୀ ପତ୍ର ପ୍ରଦାନ କରିଛନ୍ତି।

ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ ରହିଛି ଯେ, ଉମୁରି ପଚାଂୟତକୁ ଲାଗି ମୁଖ୍ୟ ଚିକିତ୍ସାଳୟ ଅଛି। ଏହି ଚିକିତ୍ସାଳୟରେ ଦିନକୁ ଦିନ ଅନେକ ରୋଗି ଆସି ଚିକିତ୍ସିତ ହେଉଛନ୍ତି । ଚିକିତ୍ସାଳୟ ନିକଟରେ କୌଣସି ଶୌଚାଳୟ ନାହିଁ । ଯଦ୍ୱାରା ରୋଗିକୁ ସେବା କରିବା ଲୋକେ ଶୌଚ ହେବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ପରିବେଶ ଦୂଷିତ ହେଉଛି । ଗ୍ରାମବାସୀ ଏ ବାବଦରେ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ । ତେଣୁ ପ୍ରଶାସନ ତୁରନ୍ତ ଜିଲା ଚିକିତ୍ସାଳୟ ନିକଟରେ ଏକ ଗୋଷ୍ଠି ଶୌଚାଳୟ ନିର୍ମାଣ କରିବାକୁ ସରପଂଚଙ୍କ ସହ କେଶବ ହରିଜନ, ଲଲି ନାୟକ, ମନୋ ଖରା ପ୍ରମୁଖ ଉପସ୍ଥିତ ରହି ଦାବୀପତ୍ର ପ୍ରଦାବ କରିଛନ୍ତି।

ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

ଜୟପୁର,୧୯/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ଯୁବକଂଗ୍ରେସ ସଭାପତି ସୁକାନ୍ତ ପଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ସଭାପତି ବସନ୍ତ ନାୟକ ଉପସ୍ଥିତ ରହି ଯୁବ କଂଗ୍ରେସ ଦୋଳର ମେରୁଦଣ୍ଡ କୋରାପୁଟ ଜିଲ୍ଲା ରେ ଯୁବ ଶକ୍ତି ଯୋଗୁ କଂଗ୍ରେସ ଭଲ ପ୍ରଦର୍ଶନ କରୁଛି । ଆସନ୍ତା ଦିନରେ ୨୦୨୪ ନିର୍ବାଚନକୁ ଲକ୍ଷ କରି ଯୁବକଂଗ୍ରେସକୁ ଆହୁରି ମଜବୁତ କରିବାପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଆଜିର ବୈଠକରେ ଜିଲ୍ଲା କଂଗ୍ରେସ ତରଫରୁ ନିଷ୍ପତି ନିଆଯାଇଛି ଯେ, ଆସନ୍ତା ସାତ ଦିନ ମଧ୍ୟରେ ସମସ୍ତ ପାଂଚଗୋଟି ବିଧାନସଭା ନିର୍ବାଚନ ମଣ୍ଡଳି, ଚଉଦଟି ବ୍ଲକ ଓ ଚାରିଟି ନଗରର ଯୁବ ସଭାପତି ଗଣ ନିଜ କ୍ଷେତ୍ରର ସମ୍ପୂର୍ଣ୍ଣ କମିଟି ଗଠନ କରିବେ ଏବଂ ଆସନ୍ତା ପ୍ରତେକ ମାସରେ ନିଜ ନିଜ କ୍ଷେତ୍ରର କମିଟିଙ୍କୁ ନେଇ ନିଜ ଅଂଚଳରେ ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ ଜାରିରଖିବେ ଓ ସଂଗଠନ ସୁଦୃଢ କରିବା ପାଇଁ ବୈଠକ କରି ପ୍ରତ୍ୟେକ (ବୁଥ କୁ ୟୁଥ)ସହ ଜଡିବା ପାଇଁ ପ୍ରୟାସ କରବେ। ସ୍ଥାନୀୟ ସମସ୍ୟା ବିଭିନ୍ନ ଦୁର୍ନୀତି ଅର୍ଥାତ ବେକାରୀ ସମସ୍ୟା ମହିଳାଙ୍କ ସମସ୍ୟା, ଦରଦାମ, ଜିଏସଟି ନାଁରେ କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଲୋକଙ୍କୁ ହରି ଲୁଟ, ଦେଶର ଅର୍ଥ ନୀତି ଦୁର୍ବଳ ହୋଇଥିବା, ଘନ ଘନ ବିଦ୍ୟୁତ କାଟ, ଡାକ୍ତରଖାନରେ ଡାକ୍ତର ଅଭାବକୁ ନେଇ ପ୍ରତେକ ବୁଥ ସ୍ତରରୁ କେନ୍ଦ୍ରର ବିଜେପି ଓ ରାଜ୍ୟର ବିଜେଡି ସରକାର ବିରୁଦ୍ଧରେ ଲଢେଇ କରିବା ପାଇଁ ଯୁବକଂଗ୍ରେସ ନିଷ୍ପତି ନେଇଛି। ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ଯୁବକଂଗ୍ରେସର ପ୍ରଭାରୀ ରାକେଶ ସାହୁ, ଜିଲ୍ଲା ଯୁବକଂଗ୍ରେସର ଉପସଭାପତି ମୁନା ଖାନ, ପବିତ୍ର ସନ୍ତା, ଟୁଲୁ ରଥ, ଘଂଶି ନାଗ,ପାଂଚଟି ବିଧାନସଭା କ୍ଷେତ୍ର ର ସଭାପତି ରମେଶ ରାଓ, ଟେନଜ ଖସଲା, ରବୀନଚାନ୍ଦ ଟାକିରୀ, ନୀଳାମ୍ବର ହୋଂଶ ସମସ୍ତ ସମସ୍ତ ନଗର, ବ୍ଲକ ଯୁବ ସଭାପତି ଓ ମହିଳା ଯୁବ କର୍ମୀ ସୁଜାତା ଆଶା, ପଲଭି ରାଓଙ୍କ ସମେତ ବହୁ ଯୁବ କଂଗ୍ରେସର କର୍ମକର୍ତା ଉପସ୍ଥିତ ଥିଲେ।

ଜିଲ୍ଲା ଡୁମାଲ ସମାଜର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର,୧୯/୦୭ (ନି.ପ୍ର): ଷାଠିଏ ଘର ଡୁମାଲ ସମାଜର କାର୍ଯ୍ୟକାରିଣୀ ବୈଠକ କନ୍ଦାଜୁରି ମାହେଶ୍ୱରୀ ମନ୍ଦିର ଠାରେ ଜିଲ୍ଲା ସଭାପତି ଲମ୍ବୋଦର ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକଟିକୁ କନ୍ଦାଜୁରୀ କେନ୍ଦ୍ରର ସଭାପତି କୁଟୁ ମେର୍ଲି ଓ ସଂପାଦକ ଡାକ୍ତର ଥାଟୀ ତଥା ଅନ୍ୟ ଗ୍ରାମବାସୀ ଜାତି ଭାଇ ବୃନ୍ଦଙ୍କ ସହାୟତାରେ ଆୟୋଜନ କରିଥିଲେ । ଉପଦେଷ୍ଟା ମଣ୍ଡଳୀର ସକ୍ରିୟ ସଭ୍ୟ ମଲିଆ ଗଡୁଆ ସଭା ସଂଯୋଜନା କରିଥିଲେ ।

ଆଜିକାର ବୈଠକରେ ଜିଲ୍ଲା ସଂପାଦକ ଇନ୍ଦ୍ରମଣି ବାରିକ, ଉପଦେଷ୍ଟା ମଣ୍ଡଳୀର ସଭ୍ୟ ଚକାନନ୍ଦ କମ୍ପ ଓ ପୂର୍ଣ୍ଣଚନ୍ଦ୍ର ଖମାରୀ, କାର୍ଯ୍ୟକାରିଣୀର ସଭ୍ୟ ଦୟାନିଧି ଖମାରୀ, ମୀନକେତନ ଡାଙ୍ଗ, ସଂଜୟ ମହାକୁର, ଶଙ୍କରର୍ଶନ ଭୋଇ, ନାରାୟଣ କମ୍ପ, ମଧୁ ସୁଦନ କ୍ଷେତି, ସୁବଳ ଖମାରୀ, ବ୍ରାହ୍ମଣି ଡୁଙ୍ଗୁରୀର ସଭାପତି ବୃଷବ ଦନ୍ତା, ପାଣ୍ଡିରିଡୁଙ୍ଗୁରିର ସଭାପତି ଶଶୀ ଭୂଷଣ ମହାକୁର ଓ ସଂପାଦକ କବିରାଜ ପଧାନ, ଯୁଗସର୍ଦ୍ଦା କେନ୍ଦ୍ରର ସଭାପତି ନାରାୟଣ ପଧାନ, ସିନ୍ଦୁରବାହାଲ କେନ୍ଦ୍ର ର ସଭାପତି ଆନନ୍ଦ ଡାଙ୍ଗ, କନ୍ଦାଜୁରୀ ଗ୍ରାମ୍ୟ କମିଟିର ସଭାପତି ରାଧେଶ୍ୟାମ ଖମାରୀ ଓ ସଂପାଦକ ରାଜେଶ ପଧାନ, ସରୋଜ କୁମାର ମେଶ୍ରା ଯୁବ ନେତା ତଥା ପୂର୍ବତନ ସରପଂଚ ଉପସ୍ଥିତ ରହି ନିଜ ନିଜର ସୁଚିନତିତ ମତାମତ ପ୍ରଦାନ କରିଥିଲେ । ସର୍ବପ୍ରଥମେ କନ୍ଦାଜୁରୀ ଅଂଚଳ ଅଧିନରେ ଥିବା ପ୍ରତ୍ୟେକ ଗ୍ରାମର ଡୁମାଲ ପରିବାରର ପରିସଂଖ୍ୟାନ (ଜନ ଗଣନା) କରିବା ପାଇଁ ନିଷ୍ପତି ଗ୍ରହଣ କରାଗଲା । ଆଗାମୀ ଦିନରେ ଅନ୍ୟ ସମସ୍ତ କେନ୍ଦ୍ର ଅଧିନରେ ଥିବା ସମସ୍ତ ଗ୍ରାମର ପ୍ରତ୍ୟେକ ପରିବାରର ଜନଗଣନା କରିବା ପାଇଁ ନିଷ୍ପତି ଗ୍ରହଣ କରାଗଲା । ଉତମ ସଂଗଠନ ଓ ଡୁମାଲ ସମାଜର ବିକାଶ ନିମିତ ପ୍ରତ୍ୟେକ କେନ୍ଦ୍ରରେ ଯୁବକମାନଙ୍କୁ ନେଇ ଏକ ଯୁବ ସଂଗଠନ ଗଢିବା ପାଇଁ ଏହି କେନ୍ଦ୍ରରୁ ଆରମ୍ଭ କରିବା ପାଇଁ ନିଷ୍ପତି ଗ୍ରହଣ କରାଗଲା । ପରିଶେଷରେ ଶଙ୍କର୍ଷଣ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅବକାରି ଚଢଉ : ମଦ ଓ ପୋଚ ଜବତ

ଜୟପୁର,୧୯/୦୭ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ନିକଟ ଜଙ୍ଗଲରେ ଅବକାରି ଚଢଉ ହୋଇଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଏହି ଚଢଉ ହୋଇଛି । ଚଢଉ କରି୧୮ ଶହ ଲିଟର ପୋଚ ଓ ୮୦ ଲିଟର ଦେଶି ମଦକୁ ଜବତ କରି ନଷ୍ଟ କରାଯାଇଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଘଟଣାସ୍ଥଳରୁ ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଛି । ଏହି ଚଢଉ ରେ ଅବକାରି ନିରିକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ କୁମାର ତାଣ୍ଡି, ଏଏସଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

ଦିନେଶ ଶର୍ମାଙ୍କୁ ସାଂସଦଙ୍କ ନୂତନ ଦାୟିତ୍ୱ

ବଲାଙ୍ଗିର ,୧୯/୦୭ (ନି.ପ୍ର): ଳ ବଲାଙ୍ଗିର ରାଜ୍ୟ ଯୁବ ମୋର୍ଚ୍ଚା ଦିନେଶ ଶର୍ମାଙ୍କୁ ବଲାଙ୍ଗିର ସାଂସଦ ସଙ୍ଗିତା କୁମାରୀ ସିଂହଦେଓ ୧୬ତାରିଖରେ ଜିଲ୍ଲାପାଳଙ୍କୁ ଜରିଆରେ ନୂତନ ଦାୟିତ୍ୱ ଶର୍ମାଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି । ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ବିଧିବଦ୍ଧ ଭାବେ ଜିଲ୍ଲାପାଳଙ୍କୁ ଚିଠି ପ୍ରଦାନ କରିଛନ୍ତି । ଚିଠିରେ ଉଲ୍ଲେଖ କରାଯାଇଛି ଯେ ଦିନେଶ ଶର୍ମାଙ୍କ ତାଙ୍କ ନୋମିନି ରେ ଏମ୍ପି ଲାଡ, ଆଇଏପି, ପଶ୍ଚିମ ଓଡିଶା ବିକାଶ ପରିଷଦ,ବିଜୁ କେବିକେ ଓ ଅନ୍ୟାନ୍ୟ ଦାୟିତ୍ୱ ଦେଇଛନ୍ତି । ରାଜ୍ୟର ବିଜେପି ପକ୍ଷରୁ ପୂର୍ବରୁ ରାଜ୍ୟର ଯୁବ ସଂଯୋଜକ ଥିଲେ ଓ ବଲାଙ୍ଗିର ମେଡିକାଲ କଲେଜ ଏମ୍ପିଙ୍କ ନୋମିନି ଓ ବଲାଙ୍ଗିର ମିଡିଆ ସେଲ ର ପ୍ରଭାରି ଭାବେ ନିର୍ବାହ କରୁଛନ୍ତି । ସୋନପୁର ଜିଲ୍ଲା ପ୍ରଭାରି, ବଲାଙ୍ଗିର ମାହେଶ୍ୱରୀ ସଂପାଦକ ରୂପେ ସେ କାର୍ଯ୍ୟ ନିର୍ବାହ କରୁଛନ୍ତି । ବଲାଙ୍ଗିର ଜିଲ୍ଲା ବିଜେପି କର୍ମକର୍ତ୍ତା ତଥା ବୁଦ୍ଧିଜିବୀ ଶ୍ରୀ ଶର୍ମାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏ ନେଇ ପ୍ରେସ ବିଜ୍ଞପ୍ତି ଜରିଆରେ ସେ ସୂଚନା ଦେଇଛନ୍ତି ।

ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନ

ବଲାଙ୍ଗୀର,୧୯/୦୭ (ନି.ପ୍ର): ବଲାଙ୍ଗିର ସ୍ଥିତ ପତିତପାବନ ଏକାଡେମୀ ଠାରେ ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ସିନ୍ଧୁ ସୁନ୍ଦର ପାଢୀଙ୍କ ସଭାପତିତ୍ୱ ଓ ବିଜ୍ଞାନଶିକ୍ଷକ ସୁନିଲ କୁମାରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ବିଭିନ୍ନ ସମୟରେ ସମ୍ମାନୀତ ଅତିଥିମାନେ ଆସି ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷା ସପ୍ତାହ ବିଷୟରେ ମତାମତ ରଖିଥିଲେ ।

ସ୍ତ୍ରୀ ହତ୍ୟାକାରୀକୁ ଆଜୀବନ ଜେଲ

କେନ୍ଦ୍ରାପଡ଼ା,୧୯/୦୭ (ନି.ପ୍ର): ନିଜ ସ୍ତ୍ରୀକୁ କିରାସିନ ଢାଳି ପୋଡି ମାରିବା ଅଭିଯୋଗରେ ଅଭିଯୁକ୍ତକୁ ସାକ୍ଷ୍ୟ ପ୍ରମାଣ ଆଧାରରେ କେନ୍ଦ୍ରାପଡା ମାନ୍ୟବର ଜିଲ୍ଲା ଓ ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ବିଚାର କରି ସ୍ତ୍ରୀ ହତ୍ୟାକାରୀ କୁ ଆଜୀବନ ଜେଲରେ ଦଣ୍ଡିତ କରିଥିବା ଜଣାପଡିଛି । କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ କଳାଡିହ ଗ୍ରାମର ବ୍ରଜ କିଶୋର ଦାସ ରଞ୍ଜିତା ଦାସଙ୍କୁ ବିବାହ କରିଥିଲେ । ବିବାହ ପର ଠାରୁ ରଞ୍ଜିତାଙ୍କୁ ୧୦ ହଜାର ଟଙ୍କା ଏବଂ ରଙ୍ଗିନ ଟିଭି ଆଣିବା ପାଇଁ ତାଙ୍କ ଉପରେ ଚାପ ପ୍ରୟୋଗ କରାଯାଉ ଥିଲା । ଏଥିରେ ରଞ୍ଜିତାଙ୍କ ବାପଘର ଅକ୍ଷମତା ପ୍ରକାଶ କରିବାରୁ ୨୫.୦୨.୨୦୧୨ ରେ ରଞ୍ଜିତାଙ୍କ ଉପରେ କିରାସିନ ଢାଳି ପୋଡି ଦିଆଯାଇ ଥିଲା । ରଞ୍ଜିତା ସଂକଟାପନ୍ନ ଅବସ୍ଥାରେ କଟକ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିଲେ । ଏନେଇ ରଞ୍ଜିତାର ସାନଭାଇ ପ୍ରଶାନ୍ତ କୁମାର ଦାସ ପାଟକୁରା ଥାନାରେ ଏତଲା ଦେଲାପରେ ଥାନା ଅଧିକାରୀ ୩୯/୧୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ରଞ୍ଜିତାର ସ୍ୱାମୀ ବ୍ରଜ କିଶୋର ଦାସ ମୁଖ୍ୟ ଆସାମୀଙ୍କ ସମେତ ସରୋଜ ଦାସ ଓ ଖୁଲଣା ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଜିଲ୍ଲା ଓ ଦୌରାଜଜ ଶ୍ରୀ ବେହେରା ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ସରୋଜ ଦାସ ଓ ଖୁଲଣା ଦାସଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ବେଳେ ରଞ୍ଜିତାର ସ୍ୱାମୀ ବ୍ରଜ କିଶୋର କୁ ୩୦୨ ଦଫାରେ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦାୟ ଅଧିକ ୬ ମାସ ଦଣ୍ଡିତ କରିଥିବା ଜଣାପଡିଛି । ଏହି ମାମଲାକୁ ପିପି ମାନସ ରଞ୍ଜନ ବେହେରା ପରିଚାଳନା କରିଥିଲେ ।

ପ୍ରେମଝରି ଉପ୍ରା ସ୍କୁଲ ଛାତରୁ ପାଣି ଗଳୁଛି, ଗଛମୂଳେ ମଧ୍ୟାହ୍ନ ଭୋଜନ

କନ୍ଧମାଳ,୧୯/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଅନ୍ତର୍ଗତ ପ୍ରେମଝରି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍କୁଲର ଦୁରାବସ୍ଥା କହିଲେ ନସରେ। ଗତ ୧୨ ବର୍ଷଧରି ସ୍କୁଲ ଗୃହର ଛାତରୁ ପାଣି ଗଳୁ ଥିବାରୁ ଛାତ୍ର ଛାତ୍ରୀମାନେ ପାଠ ପଢିବାରେ ହନ୍ତସନ୍ତ ହେଉଛନ୍ତି। ବର୍ଷା ଦିନେ ଶ୍ରେଣୀ ଗୃହରେ ବସି ହେଉନାହିଁ। ସ୍କୁଲରେ ୭୦ ରୁ ଉର୍ଧ୍ୱ ଛାତ୍ର ଛାତ୍ରୀ ଅଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ର ମାନଙ୍କ ପାଇଁ କେବଳ ତିନୋଟି ଶ୍ରେଣୀ କୋଠରୀ ରହିଛି। ଏହି ତିନୋଟି ଶ୍ରେଣୀ ଗୃହରେ ପ୍ରଥମରୁ ଅଷ୍ଟମ ପିଲାଙ୍କୁ ପାଠ ପଢା ହେଉଛି। ବର୍ଷା ଯୋଗୁଁ ପିଲାମାନେ ମଧ୍ୟାହ୍ନ ଭୋଜନ ଖାଇବାରେ ଅସୁବିଧା ହେଉଛି। ଗଛମୂଳେ ବର୍ଷାରେ ଭିଜି ଭିଜି ପିଲାମାନେ ମଧ୍ୟାହ୍ନ ଭୋଜନ ଖାଉଛନ୍ତି। ୬ ମାସ ତଳେ ତିରିଶ ଲକ୍ଷ ଟଙ୍କା ମଂଜୁର ହୋଇଥିଲା ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ କିନ୍ତୁ ବ୍ଲକ ତିଆରି କଲାନାହିଁ ବୋଲି ଗ୍ରାମବାସୀ ଓ ଅଭିଭାବକ ଅଭିଯୋଗ କରିଛନ୍ତି। ଦ୍ୱେ ଇତିମଧ୍ୟରେ ଡିଆରଡିଏର ଇଭାଲୁଏସନ ଟିମ ଗତ ୧୩ ତାରିଖରେ ପ୍ରେମଝରି ଓ ଭାଲିଆଗୁଡା ସ୍କୁଲକୁ ସ୍ମାର୍ଟ ସ୍କୁଲ କରାୟିବା ଲାଗି ପ୍ରସ୍ତୁତି ଚାଲିଥିବା ବିଡ଼ିଓ ରବୀନ୍ଦ୍ର କହଁର କହିଛନ୍ତି।

ନାବାଳିକା ଦୁଷ୍କର୍ମ ମାମଲାରେ ଦୋଷୀକୁ ୩

ଭୋଜନ ନିମନ୍ତେ ଉତ୍ତମ ସମୟ ଜ୍ଞାନ

ଆମ ଭାରତୀୟ ପରିବାରରେ ଭୋଜନ ନିମନ୍ତେ ଏକ ପ୍ରକୃଷ୍ଟ ସମୟ ଅଛି । ନିକଟରେ ହୋଇଥିବା ସର୍ବେକ୍ଷଣରୁ ଜଣାପଡ଼ିଛି ଯୁବପିଢ଼ି ମଧ୍ୟ ଏଇ ଢ଼ାଞ୍ଚାକୁ ସାଦରେ ଆପରେଇ ନେଇଛି । ହାତଗଣତି କେତେଜଣ ଲୋକ ଖାଇବା-ପିଇବା ଉପରେ ସେତେଟା ଧ୍ୟାନ କେନ୍ଦ୍ରୀଭୂତ କରିପାରନ୍ତି ନାହିଁ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ କେତେକ ଦିଗ ପ୍ରତି ଯତ୍ନବାନ ହେବା ସହ ଧ୍ୟାନ ଦେବା ଆବଶ୍ୟକ ।

- ଯେପରି ଖିର ପିଇବା ନିମନ୍ତେ ସବୁଠୁ ଉତ୍ତମ ସମୟ ହେୁଛି ରାତିବେଳା । ସକାଳବେଳା ଖିର ପିଇଲେ ତାହା ଅମ୍ଳ ରୋଗ ସୃଷ୍ଟି କରିପାରେ ।
- ଜଳଖିଆରେ ଆପଣ ଚୁଡ଼ା, ଚିନି, କଦଳୀ, ଖିର ଖାଇପାରିବେ । ତାହା ଏକ ଉତ୍ତମ ଖାଦ୍ୟ । ପେଟ ଥଣ୍ଡା ରଖିବା ସହ ଶରୀରକୁ ଶକ୍ତି ମିଳିଥା, ।
- ଦିନବେଳା ଭାତ ଖାଆନ୍ତୁ । ରାତିବେଳା ଭାତ ଖାଥିଲେ ତାହା ସହଜରେ ହଜମ ହୋଇପାରେ ନାହିଁ । ପରିଶ୍ରମ ଅଧିକ କରୁଥିଲେ ମଧ୍ୟ ରାତି ଭୋଜନରେ ଭାତ ନଖାଇବା ଉଚିତ । ଏହା ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶ ।
- ଦହି ସମ୍ପର୍କିତ ତଥ୍ୟଟି ପ୍ରାୟ ସମସ୍ତଙ୍କୁ ଜଣା । ଏହା ସତ୍ତ୍ୱେ କେତେକ ଲୋକ ମାନନ୍ତି ନାହିଁ । ସକାଳ ଜଳଖିଆ ହେଉ ଅବା ଦ୍ୱିପହର ଭୋଜନ, ଏଇ ସମୟରେ ଦହି ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ, କିନ୍ତୁ ରାତିରେ ଦହି ଖାଇଲେ ତାହା ବିଷ ପ୍ରକ୍ରିୟା ସୃଟ୍ଟି କରେ ।।ଅନେକ ସମୟରେ ପେଟଖରାପର ମୁଖ୍ୟ କାରଣ ରାତିବେଳା ଦହି ଖାଇବା କାରଣରୁ ହୋଇଥାଏ ।
- ଡାଲି ଜାତୀୟ ଖାଦ୍ୟକୁ ରାତିବେଳା ଖାଇବା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ ବୋଲି ବିଭିନ୍ନ ପରୀକ୍ଷାରୁ ପ୍ରମାଣିତ ହୋଇଛି ।

ସ୍ୱିଟ୍ ପଲାଉ

ଆବଶ୍ୟକ ସାମଗ୍ରୀ: ବାସୁମତି ଚାଉଳ, ଗୋଟା ଗୁଜରାତି, ଲବଙ୍ଗ, ଚିନି, ଘିଅ, ଫୁଡ କଲର, କାଜୁ ଓ ଆଲମଣ୍ଡ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବାସୁମତି ଚାଉଳକୁ କିଛି ସମୟ ପୂର୍ବରୁ ଭିଜାଇ ରଖନ୍ତୁ । ପରେ ଏକ ପ୍ୟାନରେ ପାଣି ଗରମ କରନ୍ତୁ । ପାଣି ଗରମ ହେବା ପରେ ସେଥିରେ ଭିଜା ଚାଉଳକୁ ପକାନ୍ତୁ । ପରେସେଥିରେ ଦୁଇ ଚାମଚ ଫୁଡ କଲର ପକାନ୍ତୁ । ଚାଉଳକୁ ବେଶୀ ସମୟ ସିଜାନ୍ତୁ ନାହିଁ । ପ୍ରାୟ ୬୦ ପରସେଣ୍ଟ ସିଜିଗଲା ପରେ ତାକୁ ଏକ ପାତ୍ରରେ ଛାଣି ରଖନ୍ତୁ ।

ତା'ପରେ ପ୍ୟାନକୁ ଗରମ କରନ୍ତୁ । ସେଥିରେ ଘିଅ ପକାନ୍ତୁ । ସେଥିରେ କାଜୁ ଓ ଆଲମଣ୍ଡକୁ ପକାଇ ଅଳ୍ପ ସମୟ ପାଇଁ ଭାଜନ୍ତୁ । ଏହା ଭାଜି ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପୁଣି ପ୍ୟାନରେ ଘିଅ ଗରମ କରନ୍ତୁ । ଘିଅ ଗରମ ହେବା ପରେ ସେଥିରେ ଗୋଟା ଗୁଜରାତି, ଲବଙ୍ଗ ପକାନ୍ତୁ । ଏହା ଟିକେ ଭାଜି ହେବା ପରେ ସେଥିରେ ଛାଣି ରଖିଥିବା ଭାତକୁ ପକାନ୍ତୁ ।

ତାପରେ ସେଥିରେ ଚିନି ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ । ଚିନିଟି ମିଶିଯିବା ପରେ ସେଥିରେ ଭଜା ହୋଇଥିବା କାଜୁ କିସମିସ ପକାଇ

ତାକୁ ଗୋଳାଇ ଦିଅନ୍ତୁ । କିଛି ସମୟରେ ତାକୁ ଆଞ୍ଚରେ ବସାନ୍ତୁ । ଏହା ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱିଟ୍ ପଲାଉ ।



ସ୍ୱାସ୍ଥ୍ୟ ପାଇଁ ଉପଯୁକ୍ତ ଗୋମୂତ୍ର

- ଗୋମୂତ୍ରରେ ପୋଟାସିୟମ୍, କ୍ୟାଲସିୟମ୍, କ୍ଲୋରାଇଡ୍, ୟୁରିଆ ଏବଂ ଆମୋନିଆ ରହିଥାଏ । ତେଣୁ ଏହାକୁ ପିଇଲେ ତ୍ୱଚା ଜାତୀୟ ସମସ୍ୟା ଦୂର ହୋଇଥାଏ ।
- କ୍ୟାନ୍ସର, ଟିବି, ହିଷ୍ଟ୍ରିଆ ଏବଂ ଅନ୍ୟାନ୍ୟ ମାରାତ୍ମକ ରୋଗରୁ ରକ୍ଷା ମିଳିଥାଏ ।
- ନିୟମିତ ଗୋମୂତ୍ର ପିଇଲେ ଗ୍ୟାଷ୍ଟ୍ରିକ୍ ଏବଂ ଏସିଡିଟି ଭଳି ରୋଗ ଭଲ ହୋଇଥାଏ ।
- ଡାକ୍ତର ମାନେ ମେଦ ବହୁଳତାର ଚିକିତ୍ସା ପାଇଁ ମଧ୍ୟ ଗୋମୂତ୍ର ବ୍ୟବହାର କରିଥାନ୍ତି ।

ରାତିରେ ଲାଇଟ୍ ଲଗାଇ ଶୋଉଥିଲେ ସାବଧାନ ହୋଇଯାଆନ୍ତୁ

ପ୍ରାୟ ସମସ୍ତେ ରାତିରେ ଲାଇଟ୍ ବନ୍ଦ କରି ଶୋଇବା ପାଇଁ ପସନ୍ଦ କରନ୍ତି । କିନ୍ତୁ ବହୁତ ଅଳ୍ପ ଲୋକ ଥାଆନ୍ତି ଯେଉଁମାନେ ରାତିରେ ଲାଇଟ୍ ଜଳାଇ ଶୋଇବାକୁ ଭଲ ପାଆନ୍ତି । ଯଦି ଏପରି କରୁଛନ୍ତି, ତେବେ ତୁରନ୍ତ ଏ ଅଭ୍ୟାସ ଛାଡନ୍ତୁ । କାରଣ ରାତିରେ ଲାଇଟ୍ ଜଳାଇ ଶୋଇବା ଶରୀର ପ୍ରତି କ୍ଷତିକାରକ । ଡାକ୍ତରଙ୍କ କହିବା ଅନୁସାରେ ରାତିରେ ଶୋଇବା ସମୟରେ ଲାଇଟ୍ ଜଳାଇ ଶୋଇବା ଦ୍ୱାରା ବହୁ କ୍ଷତି ହୋଇଥାଏ । ଆସନ୍ତୁ ଜାଣିବା ଏପରି ଶୋଇବା ଦ୍ୱାରା କି ସମସ୍ୟା ହୋଇଥାଏ । ସୁସ୍ଥ ଜୀବନ ପାଇଁ ଦିନକୁ ୬ରୁ ୭ ଘଣ୍ଟା ଶୋଇବା ନିହାତି ଆବଶ୍ୟକ । ଖାସ୍ କରି ରାତିରେ ଶାନ୍ତିରେ ଶୋଇବା ଜରୁରୀ । ଦିନସାରା କାମ କରି ରାତିରେ ଶୋଇବା ଯୋଗୁଁ ଶରୀରକୁ କାମର ବୋଝରୁ ମୁକ୍ତି ମିଳିଥାଏ । ରାତିରେ ଆମ ଶରୀର ଲାଇଟ୍ (ଆଲୋକ) ଆବଶ୍ୟକ କରି ନଥାଏ । ଯଦି ଶୋଇବା ବେଳେ ଲାଇଟ୍ ଜଳାଇ ରଖନ୍ତି ଏହାର ସିଧା ପ୍ରଭାବ ଆମ ମସ୍ତିଷ୍କ ଓ ଆଖି ଉପରେ ପଡିଥାଏ । ଯଦି ରାତିରେ କମ୍ପ୍ୟୁଟରରେ କାମ କରୁଥିବେ କିମ୍ବା ସ୍ୱଳ୍ପ ଆଲୁଅରେ ପାଠ ପଢୁଥିବେ ତେବେ ଆପଣ ଚାପଗ୍ରସ୍ତ

ହୋଇପାରନ୍ତି । ଫଳରେ ମୁଣ୍ଡବ୍ୟଥା ଓ ଆଖିରେ ଜଳାପଡ଼ା ସମସ୍ୟା ଦେଖା ଦେଇପାରେ । ଘର ଭିତରେ ଆଲୁଅ ଆଖି ଉପରେ ପ୍ରଭାବ ପକାଇଥାଏ । ନିଦ ଠିକ୍ ରେ ହୋଇ ନଥାଏ । ବାରମ୍ବାର ନିଦ ଭାଙ୍ଗି ଯାଇଥାଏ । ଏହାର ସିଧା ପ୍ରଭାବ ନିଦ ପରେ ପଡ଼ିଥାଏ ।

ଯୋଗ କରୁଥିଲେ

ଶରୀରରେ ସୁସ୍ଥ ରଖିବାରେ ଯୋଗାସନର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତା' ସମସ୍ତେ ଜାଣନ୍ତି । ହେଲେ ଏହାର ଠିକ୍ ଫଳ ପାଇବାକୁ ହେଲେ କେତୋଟି କଥା ସମ୍ପର୍କରେ ଅବଗତ ହେବା ନିହାତି ଆବଶ୍ୟକ । ଜାଣିରଖନ୍ତୁ ସେ ସମ୍ପର୍କରେ....

- ସୂର୍ଯ୍ୟୋଦୟର ଅଧଘଣ୍ଟା ପୂର୍ବରୁ ଓ ତା' ପରଠୁ ଏକଘଣ୍ଟା ପର୍ଯ୍ୟନ୍ତ ଦେଢଘଣ୍ଟା ସମୟ ହେଉଛି ଯୋଗ କରିବାର ଉପଯୁକ୍ତ ସମୟ । ତେଣୁ ଦିନର ଅନ୍ୟ କୌଣସି ସମୟ ଅପେକ୍ଷା ଆପଣ ଯଦି ଏହି ସମୟ ମଧ୍ୟରେ ଯୋଗ କରୁଛନ୍ତି ତେବେ ଏହାର ସମ୍ପୂର୍ଣ୍ଣ ଲାଭ ଉଠାଇପାରିବେ ।
- ଯୋଗ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ସକାରାତ୍ମକ ପ୍ରଭାବ ପକାଇଥାଏ । ତେଣୁ ଯୋଗ କରିବା ସମୟରେ ତରତର ନ ହୋଇ ମନକୁ ସ୍ଥିର ରଖନ୍ତୁ । ନଚେତ୍ ଏହା ଆପଣଙ୍କ ଲାଗି ଉପକାରୀ ସାବ୍ୟସ୍ତ ହେବା ବଦଳରେ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଇବ ।



- ଯୋଗ କରିବାର ପ୍ରାରମ୍ଭିକ ଦିନଗୁଡିକରେ ଅଧିକାଂଶ ଏକାସଙ୍ଗେ ବହୁତ ଯୋଗାସନ ତାହା ପୁଣି ଅଧିକ ସମୟ ପାଇଁ କରିଥାନ୍ତି । ହେଲେ ଯୋଗ କରିବାର ଶୀଘ୍ର ଫଳ ପାଇବା ଆଶାରେ ଏପରି କରିବା ଠିକ୍ ନୁହେଁ । କାରଣ ସମସ୍ତଙ୍କ ଶାରୀରିକ କ୍ଷମତା ଭିନ୍ନ ଭିନ୍ନ । ତେଣୁ ଆବଶ୍ୟକରୁ ଅଧିକ ଯୋଗ ଏକାଦିନେ କରିବା ଦ୍ୱାରା ମଧ୍ୟ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ । ତେଣୁ ପ୍ରାରମ୍ଭିକ ଦିନଗୁଡିକରେ ଅଳ୍ପ ଅଳ୍ପ ଯୋଗସନ କରନ୍ତୁ ଏବଂ ଧୀରେ ଧୀରେ ଅଭ୍ୟାସ ହେବା ପରେ ଏହାର ସମୟସୀମା ବଢାନ୍ତୁ ।
- ଯୋଗାସନ କେବେ ବେଡ୍ , ସୋଫା ଭଳି ସୁବିଧାଜନକ ସ୍ଥାନରେ ବସି କରନ୍ତୁ ନାହିଁ । ଏହା ବଦଳରେ ଚଟାଣ ଉପରେ ଆସନ ବିଛାଇ ଯୋଗ କରନ୍ତୁ ।
- ଯୋଗ କରିବା ଦିନଗୁଡିକରେ ଏହାର ଉପକାରିତା ପାଇବାକୁ ଚାହୁଁଥିଲେ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ତେଲ ମସଲାଯୁକ୍ତ କିମ୍ବା ଅନ୍ୟ କୌଣସି ଗରିଷ୍ଠ ଖାଦ୍ୟ ସୁଷମ ଖାଦ୍ୟ ଖାଆନ୍ତୁ ଏବଂ ପ୍ରଚୁର ପାଣି ପିଅନ୍ତୁ । ଯୋଗାସନ କରିବାର କିଛି ସମୟ ପୂର୍ବରୁ ୨ ଗ୍ଲାସ୍ ପାଣି ପିଇବାକୁ ଆଦୌ ଭୁଲନ୍ତି ନାହିଁ ।

ଜଙ୍ଗଲ ମଝିରେ ପାଠାଗାର

ସହର ହେଉ ଅବା ଗ୍ରାମ, ସେହି ଅଞ୍ଚଳରେ ପାଠାଗାରଟିଏ ରହିବା କୌଣସି ବଡ କଥା ନୁହେଁ । ହେଲେ ଜଙ୍ଗଲ ମଝିରେ ପାଠାଗାରଟିଏ ରହିବା ନିହାତି ଭାବେ ଆଲୋଚନାର ବିଷୟ । କେରଳର ଏକ ଆଦିବାସୀ ଅଧ୍ୟୁଷିତ ଗ୍ରାମ ହେଉଛି ଏଡମଲକୁଡ୍ଡି । ଚାରିପାଖରେ ଜଙ୍ଗଲ ଥିବାବେଳେ ଏଇ ଗ୍ରାମକୁ ବିଦ୍ୟୁତ୍ ସୁବିଧା ନାହିଁ କିମ୍ବା ଗ୍ରାମର କୌଣସି ଲୋକ ଇଣ୍ଟରନେଟ୍ ମଧ୍ୟ ବ୍ୟବହାର କରିପାରୁନାହାନ୍ତି । ଏସବୁ ଭିତରେ ସେମାନଙ୍କ ମନୋରଞ୍ଜନର ମୁଖ୍ୟ ଉପାୟ ହେଉଛି ଗାଁ ପାଖ ଜଙ୍ଗଲରେ ଥିବା ପାଠାଗାର । ଗାଁର ସମସ୍ତ ବର୍ଗର ଲୋକ ଦୈନିକ ଏଇ ପାଠାଗାରରେ ଭିଡ ଜମାଇଥାନ୍ତି । ବିଭିନ୍ନ ପ୍ରକାରର ପୁସ୍ତକ ସହ ଖବରକାଗଜ ମଧ୍ୟ ଏଠାକୁ ଆସେ । ଅବଶ୍ୟ ଯୋଗାଯୋଗ ସୁବିଧା ନଥିବାରୁ ଖବରକାଗଜ ଗୋଟିଏ ଦିନ ବିଳମ୍ବରେ



ସେଠାରେ ପହଞ୍ଚିଥାଏ । କେତେକ ଦିନରେ ଖବରକାଗଜ ୨-୩ ଦିନ ବିଳମ୍ବରେ ମଧ୍ୟ ପହଞ୍ଚିଥିବାର ସ୍ଥାନୀୟ ଲୋକ କହିଛନ୍ତି । ପାଠାଗାରକୁ ନିର୍ମାଣ କରିଛନ୍ତି ସେଠାକାର ବାସିନ୍ଦା ଜନୈକ ଚା' ବିକାଳି ପିବି ଛିନ୍ନାଥମ୍ବୀ ଓ ଅନ୍ୟ ଜଣେ ଶିକ୍ଷକ ପି.କେ. ମୁରଲୀଧରନ୍ । ଜଙ୍ଗଲ ମଝିରେ ନିର୍ମିତ ୭୦-୮୦ଜଣ ପାଠକ ଆସୁଥିବାର ଜଣାପଡିଛି । ପାଖଆଖ ଗ୍ରାମର ଲୋକ ଛିନ୍ନାଥମ୍ବୀ ଓ ମୁରଲୀଧରନ୍‌ଙ୍କ ଏଇ ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

ସ୍ୱାସ୍ଥ୍ୟ ମନ୍ତ୍ର

'ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ'ର ଏକ ରିପୋର୍ଟ ଅନୁସାରେ, ଜଣେ ସୁସ୍ଥ ବ୍ୟକ୍ତି ପାଇଁ ଦୈନିକ ସର୍ବାଧିକ ପାଞ୍ଚ ଗ୍ରାମ୍ ଆୟୋଡିନ୍‌ଯୁକ୍ତ ଲୁଣ ଆବଶ୍ୟକ । ଏହା ଦ୍ୱାରା ଶରୀରର ଲବଣାଂଶ ଠିକ୍ ରହେ ଦୁଇ ଗୁଣ ଅଧିକ ଲୁଣ ଖାଉଥିବା ଏହି ରିପୋର୍ଟରୁ ଜଣାପଡିଛି । ଭାରତୀୟମାନଙ୍କ ଲୁଣ ଅଭ୍ୟାସ ଜାଣିବା ପାଇଁ ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ପ୍ରାୟ ଅଢେଇ ଲକ୍ଷ ଲୋକଙ୍କୁ ଅଧ୍ୟୟନରେ ସାମିଲ କରିଥିଲେ । ଅଧ୍ୟୟନ ଶେଷରେ ଜଣାପଡିଲା ଯେ ଭାରତୀୟମାନେ ଦୈନିକ ହାରାହାରି ୧୦.୯୮ ଗ୍ରାମ୍ ଲୁଣ ଖାଇଥାନ୍ତି । ଏହା ଦ୍ୱାରା ସେମାନେ ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ଭଳି ସମସ୍ୟାରେ ପଡୁଛନ୍ତି । ମଧ୍ୟବୟସ୍କ ଓ ମଧୁମେହ ରୋଗୀ ଏଥିପ୍ରତି ଅଧିକ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

ବାହାଡା ଦାନ୍ତର ଅତ୍ୟାଧୁନିକ ଚିକିତ୍ସା



ଜନ୍ମଗତ ତ୍ରୁଟି କିମ୍ବା ଅନ୍ୟାନ୍ୟ କେତେକ କାରଣରୁ କିଛି ବ୍ୟକ୍ତିଙ୍କ ଦାନ୍ତ ଠିକ୍ ଭାବରେ ନ ଉଠି, ଗୋଟିଏ ଉପରେ ଆଉ ଏକ ଦାନ୍ତ ଉଠିଥାଏ । ଆଗପଛ ହୋଇ ରହିଥିବା ଏବଂ ବଙ୍କା ତେଢା ଦାନ୍ତକୁ ବାହାଡା ଦାନ୍ତ ବୋଲି କୁହାଯାଏ । ଏହା ଦେଖିବାକୁ ଅସୁନ୍ଦର ହେବା ସହ ଦାନ୍ତ ସଫା କରିବା ଏବଂ ଯତ୍ନ ନେବା ବେଳେ ମଧ୍ୟ କଷ୍ଟ ହୋଇଥାଏ । ଭଲ ଭାବରେ ଦାନ୍ତ ସଫା ନ ହେବାରୁ ଦାନ୍ତ ମୂଳରେ ଖାଉଥିବା ଖାଦ୍ୟ ଜମି ବିଭିନ୍ନ ପ୍ରକାର ଦାନ୍ତ ଓ ମାଢି ରୋଗ ମଧ୍ୟ ହୋଇଥାଏ । ଏହା ବ୍ୟତୀତ ଖାଦ୍ୟ ଖାଇବା ଓ କଥା କହିବା ବେଳେ ମଧ୍ୟ ସମସ୍ୟା ହୁଏ । ବାହାଡା ଦାନ୍ତ ଥିଲେ ସାଧାରଣତଃ ଡାକ୍ତରମାନେ ଦାନ୍ତ ଉପରେ ମେଟାଲ କିମ୍ବା ସେରାମିକ୍ ବ୍ରେସେସ୍ ଲଗାଇ ଦାନ୍ତ ଠିକ୍ କରିବାକୁ ଚେଷ୍ଟା କରିଥାନ୍ତି । ଏହି ବ୍ରେସେସ୍ ଦୀର୍ଘ ଦିନ ପର୍ଯ୍ୟନ୍ତ ଦାନ୍ତ ଉପରେ ଲଗାଇ ରଖିବାକୁ ପଡେ, ଯାହା ଦେଖିବାକୁ ଅସୁନ୍ଦର ହେବା ସହ ମାଢିରେ ଯନ୍ତ୍ରଣା ସୃଷ୍ଟି ହୋଇଥାଏ । ଏବେ ଠିକ୍ ସମୟରେ ଅର୍ଥୋଡୋଣ୍ଟିକ୍ ଚିକିତ୍ସା ପଦ୍ଧତିରେ ଦାନ୍ତ ଉପରେ ବ୍ରେସେସ୍ ଲଗାଇଲେ ଖୁବ୍ କମ୍ ଦିନ ମଧ୍ୟରେ ବାହାଡା ଦାନ୍ତ ଗୁଡିକ ଠିକ୍ ହୋଇପାରୁଛି । ଏବେ ମିଳୁଛି ଅତ୍ୟାଧୁନିକ ଟ୍ରାନ୍ସପାରେଣ୍ଟ ବ୍ରେସେସ୍ ବା କ୍ଲିୟର ଏଲାଇନ୍‌ର । ଏହାଦ୍ୱାରା ଦାନ୍ତ ଉପରେ କିଛି ଲାଗିଛି ବୋଲି ଜଣାପଡି ନଥାଏ ଏବଂ ଖୁବ୍ କମ ଦିନ ମଧ୍ୟରେ ଦାନ୍ତ ଉପରେ ଚାପ ସୃଷ୍ଟି କରି ଦାନ୍ତଗୁଡିକୁ ଧୀରେଧୀରେ ସୁନ୍ଦର ଭାବେ ସଜାଇ ଦିଆଯାଏ । ଏଥିରେ ଦାନ୍ତରେ ମେଟାଲ ଅଥବା ସେରାମିକ୍ ତାର କିମ୍ବା କ୍ଲିପ୍ ଲଗାଇବାକୁ ପଡେନାହିଁ । ଦେଖିବାକୁ ସୁନ୍ଦର ଲାଗେ ଏବଂ ଦାନ୍ତର ରକ୍ତନଳୀ ଉପରେ ଅଧିକ ଚାପ ପଡି ନଥାଏ । ବିନା ଯନ୍ତ୍ରଣାରେ ବାହାଡା ଦାନ୍ତ ଶୀଘ୍ର ଭଲ ହୋଇଥାଏ ।

ବାସ୍ତୁ ବିଚାରରେ ଗ୍ୟାରେଜ

ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଚାରିଚକିଆ ଯାନର ବ୍ୟବହାର ଅଧିକ । ଅଧିକାଂଶ ଲୋକ ନିଜ ସୁବିଧା ପାଇଁ ଗାଡ଼ି ତ କିଣନ୍ତି, ହେଲେ ତା' ପୂର୍ବରୁ ତାକୁ ରଖିବା ପାଇଁ ଉପଯୁକ୍ତ ସ୍ଥାନ ନିର୍ଦ୍ଧାରଣଣ କରନ୍ତି ନାହିଁ । ଗାଡ଼ି, କିଣି ସାରିବା ପରେ ମନଇଚ୍ଛା ସ୍ଥାନରେ ଗ୍ୟାରେଜ ନିର୍ମାଣ କରନ୍ତି । ଭୁଲିବା ଉଚିତ୍ ନୁହେଁ ଯେ ଆମେ ବ୍ୟବହାର କରୁଥିବା ଅନ୍ୟ ସମସ୍ତ ବସ୍ତୁ ଓ ଦ୍ରବ୍ୟ ପରି ଗାଡ଼ିର ମଧ୍ୟ ଉଭୟ ନକରାତ୍ମକ ଓ ସକରାତ୍ମକ ଶକ୍ତି ରହିଛି । ସେଥିପାଇଁ ଗାଡ଼ି କିଣିବା ପରେ ଅଧିକାଂଶ କ୍ରେତା ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳେ, ତେଣୁ ଗାଡ଼ି କିଣିବା ପୂର୍ବରୁ ପ୍ରଥମେ ତା' ପାଇଁ ବାସ୍ତୁ ତ୍ରୁଟୀରହିତ ସ୍ଥାନ ନିରୂପଣ କରିବା ସହ ବାସ୍ତୁ ପରାମର୍ଶ ଗ୍ରହଣ କରିବା ଉଚିତ୍ ।

ପରାମର୍ଶ:

୧.ଗ୍ୟାରେଜ ପାଇଁ ଘରର ଉତ୍ତର-ପଶ୍ଚିମ ଦିଗ ସର୍ବୋତ୍ତମ ।
୨. ଗ୍ୟାରେଜ ଭିତରେ ଗାଡ଼ିର ମୁହଁ ପୂର୍ବ ଦିଗକୁ ରହିବା ଉଚିତ୍ ।
୩. ପାର୍କ କରିବା ପରେ ଗ୍ୟାରେଜ ଚାରିପଟେ ଯେପରି ପର୍ଯ୍ୟାପ୍ତ ସ୍ଥାନ ରହିବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ ।
୪. ଗ୍ୟାରେଜର ଚଟାଣ ପୂର୍ବ ବା ଉତ୍ତର ଦିଗକୁ ସାମାନ୍ୟ ଗଡ଼ାଣି ରହିବା ଉଚିତ୍ ।
୫. ଗ୍ୟାରେଜର ପ୍ରବେଶ ଦ୍ୱାର ଉତ୍ତର କିମ୍ବା ପୂର୍ବ ମୁହାଁ ହେଲେ ଭଲ ।

କ୍ଷତିକାରକ ଗରମ ଚା'

ଚା' ପିଇବା ଶରୀର ପାଇଁ କେତେ ଆବଶ୍ୟକ, ଏ ବାବଦରେ ନିୟମିତ ଭାବରେ ଗଣମାଧ୍ୟମରେ ଖବର ପ୍ରକାଶିତ ହେଉଛି । ତେବେ ନିକଟରେ ଏକ ଆମେରିକୀୟ ପତ୍ରିକାରେ ପ୍ରକାଶିତ ହୋଇଥିବା ତଥ୍ୟ ଅନୁସାରେ ପ୍ରତ୍ୟେକ ବର୍ଗର ଲୋକେ ଗରମ ଚା' ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏହାକୁ ଅଭ୍ୟାସରେ ପରିଣତ କରିଥିବା ଲୋକେ ଯଥାଶୀଘ୍ର ଏହି ଅଭ୍ୟାସକୁ ଦୂରେଇବା ଉଚିତ୍ । ଗବେଷକ ଦଳ ପରୀକ୍ଷା କରିବା ପରେ ପ୍ରକାଶ କରିଛନ୍ତି ଯେ, ଗରମ ଚା' ପିଉଥିବା ଲୋକଙ୍କୁ କର୍କଟ ରୋଗ ହେବାର ସମ୍ଭାବନା ସର୍ବାଧିକ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଚାଷୀ ଆଉ ମହିଳା...

ସରିଯାଇଛି ରାଷ୍ଟ୍ରପତି ନିର୍ବାଚନ। ଏବେ ଉପରାଷ୍ଟ୍ରପତିଙ୍କ ପାଳି। ନିୟମାନୁସାରେ ବର୍ତ୍ତମାନର ଉପରାଷ୍ଟ୍ରପତି ଏମ୍ ଭେଙ୍କିଆ ନାଇଡୁଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ନୂଆ ଉପରାଷ୍ଟ୍ରପତି ନିର୍ବାଚିତ ହେବେ। ଆଉ ଏଥିପାଇଁ ଉଭୟ ବିଜେପି ନେତୃତ୍ୱାଧୀନ ଏନଡିଏ ଏବଂ ବିରୋଧୀ ଦଳମାନେ ନିଜ ନିଜର ପ୍ରାର୍ଥୀ ବାଛି ସାରିଛନ୍ତି। ବିଜେପି ପଶ୍ଚିମବଙ୍ଗର ବର୍ତ୍ତମାନ ରାଜ୍ୟପାଳ ଥିବା ଜଗଦୀପ ଧନକରଙ୍କୁ ଏନଡିଏ ତରଫରୁ ଉପରାଷ୍ଟ୍ରପତି ପଦପାଇଁ ପ୍ରାର୍ଥୀ କରିଥିବାବେଳେ ରବିବାର ଦିନ ୧୭ଟି ବିରୋଧୀଦଳ ଏକ ବୈଠକରେ ମିଳିତ ହୋଇ କଂଗ୍ରେସ ନେତ୍ରୀ ମାର୍ଗାରେଟ୍ ଆଲଭାଙ୍କ ନାମକୁ ସେମାନଙ୍କର ଉପରାଷ୍ଟ୍ରପତି ପ୍ରାର୍ଥିନୀ ଭାବରେ ଘୋଷଣା କରିଛନ୍ତି। ଉଭୟ ପ୍ରାର୍ଥୀଙ୍କ ନିକଟରେ ପର୍ଯ୍ୟାପ୍ତ ରାଜନୀତିକ ଅଭିଜ୍ଞତା ରହିଛି। ଉଭୟ ମଧ୍ୟ ସେମାନଙ୍କ ନିଜ ନିଜ ଦଳର ବିଶ୍ୱସ୍ତ କର୍ମୀ ଭାବରେ କାମ କରି ଆସିଛନ୍ତି। ଜନତା ଦଳ ଏବଂ କଂଗ୍ରେସରେ କିଛି କାଳ କାର୍ଯ୍ୟ କରିବା ପରେ ଶ୍ରୀଯୁକ୍ତ ଧନକର ୨୦୦୩ରେ ବିଜେପିର ଯୋଗଦେଇଥିଲେ। ତା'ପରଠାରୁ ସେ ଦଳର ଜଣେ ନିର୍ଭରଯୋଗ୍ୟ ନେତା ଭାବରେ କାର୍ଯ୍ୟ କରିବାପରେ ପୁରସ୍କୃତ ହୋଇଥିଲେ ପଶ୍ଚିମବଙ୍ଗର ରାଜ୍ୟପାଳ ପଦବୀ ଦ୍ୱାରା। କିନ୍ତୁ ରାଜ୍ୟପାଳ ଭାବରେ ସେ ଯେତିକି ନିରପେକ୍ଷତା ଅବଲମ୍ବନ କରିବା କଥା, ତାହା ତାଙ୍କ କ୍ଷେତ୍ରରେ ଦେଖାଯାଇନଥିଲା, ବରଂ ଦଳ ପ୍ରତି ଅଧିକ ବିଶ୍ୱସ୍ତ ରହିବା ଦେଖାଯାଇଥିଲା ବୋଲି କୁହନ୍ତି ବୁଦ୍ଧିଜୀବୀମାନେ। ନିରନ୍ତରଭାବରେ ତାଙ୍କର ପଶ୍ଚିମବଙ୍ଗର ସୁଶ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ନିର୍ବାଚିତ ତୃଣମୂଳ କଂଗ୍ରେସ ସରକାର ସହିତ ଦ୍ୱନ୍ଦ୍ୱ ସୃଷ୍ଟି ହେଉଥିଲା, ଯାହା ଅନେକଥର ଦାଣ୍ଡରେ ପଡ଼ିଛି। ଅନେକ କ୍ଷେତ୍ରରେ ତ ବିଜେପିକୁ ସନ୍ତୁଷ୍ଟ କରିବାପାଇଁ ଶ୍ରୀଯୁକ୍ତ ଧନକର ରାଜ୍ୟ ରାଜନୀତିରେ ପକ୍ଷପାତିତାପୂର୍ଣ୍ଣ ଭୂମିକା ନିର୍ବାହ କରିଥିବାର ଅଭିଯୋଗ ଉଠିଛି। ତେବେ ଶ୍ରୀଯୁକ୍ତ ଧନକରଙ୍କ ନାମ ଉପରାଷ୍ଟ୍ରପତି ପଦପାଇଁ ପ୍ରାର୍ଥୀ ଭାବରେ ଘୋଷଣା କରି ବିଜେପି ଏକ ନୂଆ ରାଜନୀତିକ ଚାଲ୍ ଖେଳିଛି- ତାଙ୍କୁ ଚାଷୀ/କୃଷକ ପୁଅର ଆଖ୍ୟା ପ୍ରଦାନ କରି ଚାଷୀ ସମ୍ପ୍ରଦାୟର ପ୍ରିୟଭାଜନ ହେବାର ଉଦ୍ୟମ କରିଛି। ଶ୍ରୀଯୁକ୍ତ ଧନକର ଜାଠ୍ ସମ୍ପ୍ରଦାୟର ହୋଇଥିବାବେଳେ ଉତ୍ତରପ୍ରଦେଶ, ହରିୟାନା ଏବଂ ରାଜସ୍ଥାନରେ ଏହି ସମ୍ପ୍ରଦାୟ ଅଧିକ ଜମିଜମାର ମାଲିକ ହେବା ସହିତ ପ୍ରାଧାନ୍ୟ ବିସ୍ତାରକାରୀ ସମ୍ପ୍ରଦାୟ ଭାବରେ ଜଣାଶୁଣା। ସ୍ମରଣଯୋଗ୍ୟ ଯେ ମୁଖ୍ୟତଃ ଏହି ସମ୍ପ୍ରଦାୟର ବର୍ଷାଧିକ କାଳ ଦାବି ଯୋଗୁଁ କେନ୍ଦ୍ର ସରକାର ଗତ ବର୍ଷ ଅର୍ଥାତ ୨୦୨୧ରେ ତିନିଗୋଟି କୃଷି ଆଇନକୁ ପ୍ରତ୍ୟାହାର କରିନେବାକୁ ବାଧ୍ୟ ହୋଇଥିଲେ। ୨୦୨୩ରେ ରାଜସ୍ଥାନ ବିଧାନସଭା ନିମନ୍ତେ ନିର୍ବାଚିତ ଅନୁଷ୍ଠିତ ହେବାକୁ ଯାଉଛି। ଶ୍ରୀଯୁକ୍ତ ଧନକର ରାଜସ୍ଥାନ ନିବାସୀ ହୋଇଥିବାରୁ ତାଙ୍କୁ ପ୍ରାର୍ଥୀ କରି ଏଠାରେ ବିଜେପି ସମାଜର ପ୍ରଭାବଶାଳୀ ଜାଠ୍ ସମ୍ପ୍ରଦାୟଙ୍କ ବିପୁଳ ସମର୍ଥନ ପାଇବାର ଆଶା ପୋଷଣ କରିଛି। ଉତ୍ତରପ୍ରଦେଶ ନିର୍ବାଚନରେ ତ ଏହି ସମ୍ପ୍ରଦାୟର ଏକ ବଡ଼ ଭାଗ ବିଜେପିକୁ ସମର୍ଥନ କରିଛନ୍ତି। ଶ୍ରୀଯୁକ୍ତ ଧନକରଙ୍କ ବିରୋଧରେ ବିରୋଧୀମାନେ ପ୍ରାର୍ଥିନୀ ଭାବରେ ଅବତୀର୍ଣ୍ଣ କରାଇଛନ୍ତି ଅଶୀ ବର୍ଷୀୟା ସୁଶ୍ରୀ ମାର୍ଗାରେଟ୍ ଆଲଭାଙ୍କୁ, ଯିଏକି ପୂର୍ବରୁ ଚାରିଥର ରାଜ୍ୟସଭାର ସାଂସଦ ରହିବା ସହିତ ସ୍ୱର୍ଗତଃ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଏବଂ ପିଭି ନରସିଂହା ରାଓଙ୍କ ମନ୍ତ୍ରିମଣ୍ଡଳରେ କେନ୍ଦ୍ର ମନ୍ତ୍ରୀ ଏବଂ ପରବର୍ତ୍ତୀ ସମୟରେ ରାଜସ୍ଥାନ ଓ ଉତ୍ତରାଖଣ୍ଡର ରାଜ୍ୟପାଳ ଭାବରେ କାର୍ଯ୍ୟ କରି ସାରିଛନ୍ତି। ଉପରାଷ୍ଟ୍ରପତି ପଦପାଇଁ ସେ ଯେ ଜଣେ ଯୋଗ୍ୟ ପ୍ରାର୍ଥିନୀ, ଏଥିରେ କ୍ୱଚିତ୍ କେହି ଦ୍ୱମିମତ ହେବେ। ପରନ୍ତୁ, ବିଜେପିକୁ ରାଜନୀତିରେ ପଛରେ ପକାଇ ଆଗକୁ ମାଡ଼ି ଚାଲିବା ନିମନ୍ତେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ବିରୋଧୀମାନଙ୍କ ନିମନ୍ତେ ଯେଉଁ ସୁଯୋଗ ଆଣିଦେଇଥିଲା, ତାର କ୍ୱଚିତ୍ ସଦୁପଯୋଗ କରିବାରେ ସମର୍ଥ ହୋଇଛନ୍ତି ସେମାନେ ଏବଂ ସୁଶ୍ରୀ ଆଲଭାଙ୍କ ପ୍ରବେଶ କ୍ୱଚିତ୍ ପ୍ରଭାବ ପକାଇପାରିବ ଶାସକ ଦଳ ଶିବିର ଉପରେ। ବିରୋଧୀମାନଙ୍କ ରାଷ୍ଟ୍ରପତି ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କ ଭଳି ମାର୍ଗାରେଟ୍ ଜଣେ ସୁଦକ୍ଷା ବକ୍ତା ହୋଇଥିଲେ ସୁଦ୍ଧଶ କୌଣସି ରାଜନୀତିକ ଶକ୍ତିକୁ ଅନୁପ୍ରେରିତ କରିବାର ଶକ୍ତି ତାଙ୍କ ନିକଟରେ ଆପାତତଃ ନାହିଁ।

ଅଧ୍ୟାପକ ଗୋପବନ୍ଧୁ

ଶ୍ରୀଲଙ୍କା ସମସ୍ୟା ଭାରତପ୍ରତି ସତର୍କତା

ଶ୍ରୀଲଙ୍କା ସମସ୍ୟା ଜଟିଳ । ବିକ୍ଷୋଭକାରୀ ରାଷ୍ଟ୍ରପତି ଭବନକୁ ଅଧିକାର କରିନେଇଛନ୍ତି । ରାଷ୍ଟ୍ରପତି ଗୋଟବୟ ରାଜପକ୍ଷ ଇସ୍ତଫା ଦେବା ସହିତ ଦେଶଛାଡି ପଳାଇଛନ୍ତି । ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟ ନାଗରିକମାନଙ୍କ ଦ୍ୱାରା ଏପରି ବିତାଡିତ ହେବା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଇତିହାସରେ ବିରଳ ଘଟଣା। ଏହା ସହିତ ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ରକୁ ଚେତାବନୀ ଯେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେବି ଜନତା ଅସନ୍ତୁଷ୍ଟ ହେଲେ ରାଷ୍ଟ୍ରମୂଖ୍ୟଙ୍କୁ ତାଙ୍କ ଚେୟାରରୁ ଓହ୍ଲାଇ ଆଣିବେ ଓ ଜନତାଙ୍କ ରୋଷର ସମ୍ମୁଖୀନ ହୋଇନପାରି ସେ ଦେଶଛାଡି ପଳାଇବାର ମଧ୍ୟ ସମ୍ଭାବନା ରହିଛି। ଜଣେ ଦୂରଦୃଷ୍ଟିହୀନ, ସାମ୍ପ୍ରଦାୟୀକବଦୀ ଓ ଏକଛତ୍ରବାଦୀ ସ୍ୱଭାବର ରାଷ୍ଟ୍ରମୁଖ୍ୟଙ୍କୁଗ ଏହାହିଁ ବୋଧହୁଏ ଉଚିତ ଉପହାର ।

ଶ୍ରୀଲଙ୍କାରେ ଆଜିର ପରିସ୍ଥିତିପାଇଁ ଏହାର ଆର୍ଥିକ ଦୂରାବସ୍ଥାକୁ ଦାୟୀ କରାଯିବା ସ୍ୱାଭାବିକ। କିନ୍ତୁ ଏହାର ପଶ୍ଚାତରେ ଯେଉଁ କାରଣମାନ ଦାୟୀ ତାହାର ଅନୁଧ୍ୟାନ ନିଶ୍ଚୟ ଗଣତନ୍ତ୍ରପ୍ରେମୀଙ୍କ ପାଇଁ ଉପାଦେୟ ହେବ । ଗୋଟିଏ ବିଷୟ ବହୁ ପରୀକ୍ଷିତ ଯେ ଯେଉଁ ଦେଶରେ ସାମାଜିକ ସ୍ଥିରତା ନାହିଁ, ଯେଉଁ ଦେଶରେ ସାମ୍ପ୍ରଦାୟିକ ବିଭେଦ ଓ ଗୋଷ୍ଠୀଗତ ବିଭେଦ ଲାଗିରହିଥାଏ, ସେ ଦେଶର ଆର୍ଥିକ ସ୍ଥିତି ମଜଭୁତ ହୋଇପାରେ ନାହିଁ । ସଦାସର୍ବଦା ହିଂସା, ସାମ୍ପ୍ରଦାୟିକ କନ୍ଦଳ ଓ ସାମାଜିକ ବିଦ୍ୱେଷ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଏ । ଶ୍ରୀଲଙ୍କାରେ ଏ ଅବସ୍ଥା ଦୀର୍ଘବର୍ଷଧରି ଚାଲିଆସିଛି। ସିଂହଳୀ ଓ ତାମିଲ ମଧ୍ୟରେ ବିବାଦ କାହାକୁ ଅଜଣା ନାହିଁ। ଦେଶରେ ସଂଖ୍ୟାଧିକ ସିଂହଳୀମାନଙ୍କ ସଂଖ୍ୟାଧିକ ଆଧିପତ୍ୟ ରାଜନୀତି ପାଇଁ ତାମିଲମାନେ କ୍ଷୁବ୍ଧ ହୋଇଥିଲେ । ତାଙ୍କୁ ଦ୍ୱିତୀୟ ଶ୍ରେଣୀର ନାଗରୀକ ପରି ବ୍ୟବହାର ଏବଂ ଶାସନ ଓ ପ୍ରଶାସନ କ୍ଷେତ୍ରରେ ସମାନ ଅଧିକାରର ସୀମାରେଖା ବାହାରେ ରଖିବା ଆଭିମୁଖ୍ୟ ତାଙ୍କୁ ଅସ୍ତ୍ର ଧରିବାକୁ ବାଧ କରିଥିଲା । ଭିଲୁପିଲାଇ ପ୍ରଭାକରଙ୍କ ନେତୃତ୍ୱରେ ଏଲଟିଟିଇ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଥିଲା । ଏଲଟିଟିଇ ର ଦମନ ଆଳରେ ତାମିଲମାନଙ୍କ ଉପରେ ଯେଉଁ ଅତ୍ୟାଚାର ଓ ଗଣହତ୍ୟା ହୋଇଛି ତାହା ତାମିଲମାନେ କେବେ ଭୁଲିପାରିବେ ନାହିଁ । ଏପରିକି ପ୍ରଭାକରଙ୍କ ନାବାଳକ ପୁତ୍ରକୁ ବିସ୍କୁଟ ଖାଇବାକୁ ଦେଇ ଅତି ନିକଟରୁ ଗୁଳିମରା ଯାଇଥିଲା । ତାମିଲମାନଙ୍କ ମଧ୍ୟରେ ଏବେବି ଅସନ୍ତୋଷର ବହ୍ନି କୁହୁଳୁଛି।

ସଂଖ୍ୟାଧିକ ସିଂହଳୀମାନେ କେବଳ ତାମିଲମାନଙ୍କ ଉପରେ ଅତ୍ୟାଚାର କରିଛନ୍ତି ତାହା ନୁହେଁ ଏହା ସହିତ ଖ୍ରୀଷ୍ଟିଆନ ଓ ମୁସଲମାନଙ୍କ ଉପରେ ମଧ୍ୟ ଅତ୍ୟାଚାର କରିଛନ୍ତି । ବିବାଦକୁ ବଢାଯାଇଛି ଓ ଏହା ସାମ୍ପ୍ରଦାୟିକ ହିଂସାର ରୂପ ନେଇଛି । ୨୦୧୯ରେ ଇସଲାମୀୟ ଉଗ୍ରବାଦୀମାନେ ଚର୍ଚ୍ଚ ଓ ହୋଟେଲ ମାନଙ୍କରେ ବମ୍ ବ୍ଲାଷ୍ଟ କରିଥିଲେ । ଯେଉଁଥିରେ ୩୦୦ରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିଲେ । ଏମାନଙ୍କ ମଧ୍ୟରୁ ୫୦ ଜଣ ପାଖାପାଖି ବିଦେଶୀ ନାଗରୀକ ଥିଲେ । ଏହା ଫଳରେ ଶ୍ରୀଲଙ୍କାର ପର୍ଯ୍ୟଟନ ଶିଳ୍ପ ହଠାତ୍ ବିପର୍ଯ୍ୟସ୍ତ ହୋଇପଡିଛି । ବିଦେଶୀମାନେ ଶ୍ରୀଲଙ୍କାକୁ ଆସିବା ଆଉ ନିରାପଦ ମଣିଲେ ନାହିଁ । ଶ୍ରୀଲଙ୍କା ଆୟର ପ୍ରାୟ ୧୫% ପର୍ଯ୍ୟଟନରୁ ଆସିଥାଏ । କୋଭିଡ୍-୧୯ ସାରା ବିଶ୍ୱର ଆର୍ଥିକ ଅବସ୍ଥାକୁ ଦୋହଲାଇ ଦେଇଛି । ଶ୍ରୀଲଙ୍କା ଏଥିରୁ ବାଦ ପଡ଼ନ୍ତା କିପରି । ଅନ୍ୟ ଦେଶମାନେ ନିଜ ପୂର୍ବ ମଜଭୁତ ସ୍ଥିତି ଯୋଗୁଁ ସମ୍ଭାଳି ନେଲେ । ଶ୍ରୀଲଙ୍କା ସମ୍ଭାଳି ପାରିଲା ନାହିଁ ।

ଶ୍ରୀଲଙ୍କାର ସବୁଠାରୁ ବଡ ସମସ୍ୟା ହେଉଛି ସେଠାକାର ସାମ୍ପ୍ରଦାୟିକ ରାଜନୀତି । ମେଜରିଟାରିଆନ୍ ରାଜନୀତି ଦେଶକୁ ଆଗକୁ ବଢିବାକୁ ଦେଉନି । ଚେଷ୍ଟାଚାଲିଛି କିପରି ସଂଖ୍ୟାଲଘୁମାନଙ୍କୁ ଦାବି ରଖାଯିବ । ୨୦୧୯ ନିର୍ବାଚନରେ ରାଜପକ୍ଷ ସିଂହଳୀ ଅସ୍ମିତାକୁ ନେଇ ଓ ବିକାଶର ବଡବଡ ସ୍ୱପ୍ନ ଦେଖାଇ ରାଷ୍ଟ୍ରପତିଭାବେ ନିର୍ବାଚିତ ହୋଇଥିଲେ। ତାଙ୍କୁ ଜଣେ ମସିହା ବା ତ୍ରାଣକର୍ତ୍ତାଭାବେ ଉପସ୍ଥାପନ କରାଯାଇଥିଲା । ତାଙ୍କଦଳ ତଥା ଗଡାଣିଆ ମିଡିଆ ଏପରି ପ୍ରଚାର କରିବାରେ ସଫଳ ହୋଇଥିଲା । ସ୍ୱଚ୍ଛୋଟ ମିଡ଼ିଆକୁ ଧ୍ୱଂସ କରିବାର ପ୍ରୟାସ ମଧ୍ୟ ହୋଇଛି । ସଚ୍ଚୋଟ ସାମ୍ବାଦିକଙ୍କୁ ହତ୍ୟାକରି ନିର୍ଭୀକ ସ୍ୱରକୁ ସମାପ୍ତ କରିବାର ପ୍ରୟାସ ହୋଇଛି । ଅନ୍ଧ ଅନୁଗାମୀମାନେ ସେ ସମୟରେ ସବୁକିଛିକୁ ଠିକଭାବେ ଗ୍ରହଣକରି ନେଇଥିଲେ । ସିଂହଳୀ ରାଷ୍ଟ୍ରବାଦର ସ୍ଲୋଗାନ୍ ତାଙ୍କୁ ବିଭୋର କରିଦେଇଥିଲା । ରାଜପକ୍ଷଙ୍କ ସମର୍ଥକମାନେ ନିଜକୁ ରାଷ୍ଟ୍ରଭକ୍ତ ଓ ବିରୋଧୀଙ୍କୁ ରାଷ୍ଟ୍ରଦ୍ରୋହୀ କହିବାକୁ ପଛାଇ ନଥିଲେ ।

ବିକାଶର ସ୍ୱପ୍ନକୁ ସାକାର କରିବାପାଇଁ ସରକାର ଋଣ ପରେ ଋଣ କରିଚାଲିଲା । ଋଣର ଅଧା ଋଣ ସୁଝିବାର ଚାଲିଗଲା । କ୍ରମେ ଋଣ ବଢିବଢି ଚାଲିଲା । ଭୁଲ କୃଷିନୀତି ଯୋଗୁଁ ଉତ୍ପାଦନ ହ୍ରାସ ପାଇଲା । ରାତାରାତି ରାଷ୍ଟ୍ରପତି ଜୈବିକ କୃଷିନୀତି ଘୋଷଣା କଲେ । ରାସାୟନିକ ସାର ଓ କୀଟନାଶକ ଔଷଧର ଆମଦାନୀ ବନ୍ଦ ହୋଇଗଲା। ଏହା ପର୍ଯ୍ୟାୟକ୍ରମେ ଧୀରେ ଧୀରେ କରିବାର ଥିଲା । ଫଳରେ କୃଷି ଉତ୍ପାଦନ ବହୁପରିମାଣରେ କମିଗଲା। ଦେଶରେ ଖାଦ୍ୟାଭାବ ଦେଖାଦେଲା ଓ ଏସବୁକୁ ବିଦେଶରୁ ଆମଦାନୀ କରିବାକୁ ପଡିଲା। ବୈଦେଶିକ ମୁଦ୍ରା ଭଣ୍ଡାର କ୍ରମେ ସଙ୍କୁଚିତ ହେବାରେ ଲଗିଲା । ଦେଶର ଆର୍ଥିକ ଦେବାଳିଆ ସ୍ଥିତିକୁ ଦେଖି ବୈଦେଶିକ କମ୍ପାନୀ ଓ ଅର୍ଥ ନିୟୋଜକ ସଂସ୍ଥାଗୁଡିକ ଓହରିଗଲେ । ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦାମ୍ ହୁହୁ ବଢିଲା । ଅନେକ ଦ୍ରବ୍ୟର ଅଭାବ ଦେଖାଦେଲା । ମୁଦ୍ରାସ୍ଫୀତି ବଢିଲା । ସରକାର ଟଙ୍କାର ମୂଲ୍ୟ ହ୍ରାସକଲେ । ଏସବୁ ସତ୍ତ୍ୱେ ଦେଶର ଆର୍ଥିକ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଗଲା ।

ଲୋକମାନେ ମୂଲ୍ୟବୃଦ୍ଧି, ଅତ୍ୟାବଶ୍ୟକ ଦ୍ରବ୍ୟର ଅଭାବ, ଏକଛତ୍ରବାଦୀ ଶାସନ ବିରୁଦ୍ଧରେ ଆନ୍ଦୋଳନକୁ ଓହ୍ଲାଇଲେ । ଏ ପରିସ୍ଥିତିରେବି ନେତାମାନଙ୍କ ସ୍ୱେଚ୍ଛାଚାରିତା ଓ ବିଳାସପୂର୍ଣ୍ଣ ଜୀବନଶୈଳୀ ଲୋକମାନଙ୍କୁ ଉତକ୍ଷୀପ୍ତ କଲା । ତାଙ୍କ ଆଖିରୁ ଅନ୍ଧପୁଟୁଳି ଖସିଗଲା । ଯାହାକୁ ସେମାନେ ଦିନେ ମସିହା ଭାବୁଥିଲେ ସେ ଦେଶରେ ଖଳନାୟକ ହୋଇଗଲେ । ଯେଉଁ ଜନତା ତାଙ୍କୁ ମୁଣ୍ଡରେ ବସାଇଥିଲେ ସେହି ଜନତା ତାଙ୍କର ରକ୍ତପିପାସୁ ହୋଇଗଲେ । ଦିନରାତି ତାଙ୍କ ସ୍ତୁତିଗାନ କରୁଥିବା ମେଡିଆ ସ୍ୱର ବଦଳାଇଲା । ମନ୍ତ୍ରୀମାନେ ଇସ୍ତଫା ଦେଲେ । ଆନ୍ଦୋଳନକାରୀମାନେ ତାଙ୍କ ଘରଗୁଡିକୁ ପୋଡ଼ିଦେଲେ । ଲକ୍ଷାଧିକ ବିକ୍ଷୋଭକାରୀ ରାଷ୍ଟ୍ରପତି ଭବନକୁ ଘେରିଗଲେ ଓ ଦଖଲ କରିନେଲେ । ରାଷ୍ଟ୍ରପତି ସପରିବାରେ ବାୟୁସେନା ବିମାନରେ ମାଳଦ୍ୱୀପକୁ ପଳାଇଗଲେ। ସେଠାରେ ମଧ୍ୟ ତାଙ୍କୁ ବିରୋଧ ହେଲା । ସେଠାରୁ ସେ ସିଙ୍ଗାପୁର ଯାଇଛନ୍ତି ।

ଶ୍ରୀଲଙ୍କାର ବର୍ତ୍ତମାନର ଏ ଅବସ୍ଥା ପାଇଁ କେବଳ ଗୋଟବୟ ରାଜପକ୍ଷକୁ ଦାୟୀ କଲେ ଚଳିବ ନାହିଁ। ଏଥିପାଇଁ ଦୀର୍ଘବର୍ଷଧରି ଲାଗିରହିଥିବା ସାମାଜିକ ଅସ୍ଥିରତା ଦାୟୀ । ଏ ଅବସ୍ଥାରୁ ମୁକୁଳିବାକୁ ହେଲେ ଦେଶରେ ସାମ୍ପ୍ରଦାୟିକ ସଦଭାବନା ପ୍ରତିଷ୍ଠା ସହିତ ବ୍ୟାପକ ଆଲୋଚନା ମାଧ୍ୟମରେ ପରସ୍ପର ମଧ୍ୟରେ ବିଶ୍ୱାସର ବାତାବରଣ ତିଆରି କରିବାକୁ ପଡିବ । ଏହାସହିତ ଦୂରଦୃଷ୍ଟି ସମ୍ପନ୍ନ ବାସ୍ତବବାଦୀ ଅର୍ଥନୀତିକୁ ଅନୁସରଣ କରିବାକୁ ପଡିବ । ଗଣତନ୍ତ୍ରରେ ରାତାରାତି ନିଷ୍ପତ୍ତି ଆଦୌ ସମୀଚୀନ ନୁହେଁ । ବ୍ୟାପକ ଆଲୋଚନା ଓ ପର୍ଯ୍ୟାଲୋଚନା ପରେହିଁ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପାଦେୟ ହୋଇଥାଏ । ବ୍ୟକ୍ତିଗତ ଉଦବେଗରୁ ନିଆଯାଉଥିବା ତ୍ୱରିତ ନିଷ୍ପତ୍ତି ଗଣତନ୍ତ୍ରରେ ଗ୍ରହଣୀୟ ନୁହେଁ । ଶ୍ରୀଲଙ୍କାର ସାମ୍ପ୍ରତିକ ସ୍ଥିତିରୁ ଅନ୍ୟ ଦେଶମାନେ ଅନେକ କିଛି ଶିଖିବାର ଅଛି ।

+ବାରିପଦା, ମୟୁରଭଞ୍ଜ,
ମୋ: ୭୦୦୮୯୭୬୧୮୦

ଅନୀତା ପଟ୍ଟନାୟକ

ଚରମ ପତ୍ର

ବୀରଭଦ୍ର ପ୍ରକୃତରେ ଜଣେ ସୂର ବୀର ଥିଲେ। ତାଙ୍କର ସାହସିକତା ଅତୁଳନୀୟ ଥିଲା। ପିଲାଦିନର ସୈନିକ ସ୍କୁଲର ଶିକ୍ଷା ତାଙ୍କୁ ଦେଶପ୍ରେମୀ ଓ ବଳିଷ୍ଠ ଯୁବକ ରୂପେ ଗଢ଼ି ତୋଳିଥିଲା। ସେ ପଦାତିକ ବାହିନୀରେ ଯୋଗଦେବା ସହ ଉଚ୍ଚପଦବୀ ଅଳଙ୍କୃତ କରି ପାରିଥିଲେ। ସୈନ୍ୟବାହିନୀରେ ତାଙ୍କର ଅତୁଳନୀୟ ସାହସିକତା ପାଇଁ ସେ ଅନେକ ପ୍ରଶଂସାପତ୍ର ଓ ପଦକ ପ୍ରାପ୍ତ ହୋଇଥିଲେ।

ତାଙ୍କର ଖିଆଲ ଥିଲା ଅଜବ। ସେ ନିଜକୁ ଜଙ୍ଗଲର ରାଜା ସିଂହ ସହ ତୁଳନା କରୁଥିଲେ। ମେଣ୍ଢାପଲ ମଧ୍ୟରେ ବଢୁଥିବା ସିଂହଶାବକ ମେଣ୍ଢାପରି ଆଚରଣ କରିଥାଏ ବୋଲି ସେ କୁହନ୍ତି, କିନ୍ତୁ ସିଂହଶାବକ ଯେତେବେଳେ ବୁଝିପାରେ ସେ ମେଣ୍ଢା ନୁହେଁ ଏବଂ ଏକ ସିଂହ ସେ ଜଙ୍ଗଲର ରାଜାପରି ବ୍ୟବହାର କରିଥାଏ। ତାଙ୍କର ଖିଆଲ ଥିଲା ଯେ ଭଗବାନ ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ ଥିବାରୁ ଯେଉଁ ପର୍ଯ୍ୟନ୍ତ ସେ ପ୍ରତିପକ୍ଷ ଠାରୁ ଗୁଳିବିଦ୍ଧ ହୋଇନାହିଁ ସେ ପର୍ଯ୍ୟନ୍ତ ସେ ନିର୍ଭୀକ ସାହାସୀ ହୋଇ ଭଗବାନଙ୍କର ଏକ ପ୍ରତୀକ ଭାବି ଏକ ସିଂହ ପ୍ରାୟ ଦେଶମାତୃକାର ସେବା କରିବେ। ସେ କହୁଥିଲେ, ହେ ବୀର ଭାରତୀୟମାନେ ତୁମେ କେତେ ଚାଲିଲ, ବା କେତେ ପଥ ଅତିକ୍ରାନ୍ତ କଲ ତାହାର କିଛି ମୂଲ୍ୟ ନାହିଁ, ତୁମେ କିପରି ପାଦଚିହ୍ନକୁ ଛାଡ଼ି ଏ ଧରାବକ୍ଷରେ ଛାଡ଼ିଗଲ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରି ବ୍ୟକ୍ତିତ୍ୱ ତାଙ୍କର ପରିବାରରେ କିନ୍ତୁ ସେ ଏକ ସ୍ନେହଶୀଳ ପିତା, ଏକ ଯତ୍ନଶୀଳ ସ୍ୱାମୀ ହୋଇପାରିଥିଲେ।

ଯୁଦ୍ଧକ୍ଷେତ୍ରରେ ଭାରତର ସୀମା ସରହଦ ନିକଟରେ ଏକ ଅଚାନକ ଲ୍ୟାଣ୍ଡମାଇନ ଦୁର୍ଘଟଣାରେ ବୀରଭଦ୍ର ତାଙ୍କର ଦୁଇଟି ଆଖି ହରାଇଥିଲେ ଓ ଗୋଟିଏ ଗୋଡ଼ କଟି ଯାଇଥିବାରୁ ଏକ ଚକଲଗା ଗାଡ଼ିରେ ତାଙ୍କୁ ଜୀବନ କଟାଇବାକୁ ପଡୁଥିଲା। ଏପରି ଘଟଣାର କିଛି ଦିନ ପରେ ପୁତ୍ର ପ୍ରବୀର ଗର୍ବର ସହିତ ତାର ମା'କୁ ସେନାବାହିନୀରେ ଏକ ଅଫିସର ଭାବେ ନିଯୁକ୍ତି ପତ୍ର ପାଇଥିବା ଜଣାଇବାରେ ସ୍ନେହମୟୀ ମା'ସୁରମା ଆନନ୍ଦ ବିହ୍ୱଳ ନହୋଇ ଏକ ଅଜଣା ଆତଙ୍କରେ ଲୁହ ଗଡ଼ାଇ ଥିଲେ। ମନେ ମନେ ଭାବୁଥିଲେ ତାଙ୍କର ଯଦି କିଛି ଅଘଟଣ ହୋଇଯାଏ ବୀରଭଦ୍ରଙ୍କର ଅବସ୍ଥା କିପରି ଭାବରେ ଶୋଚନୀୟ ହୋଇଉଠିବ। ବାପା ବୀରଭଦ୍ର କହିଲେ 'ସାବାସ ପୁଅ ସାବାସ। ତୁ କେତେବେଳେ ଲୁଚି ଛପି ସୈନ୍ୟବାହିନୀରେ ପଶିଯୁବ ତାହା ମୁଁ କେବେ କଳ୍ପନା କରିନଥିଲି। ତୁ ତ ଜାଣୁ ତୋର ମାଆ ଜଣେ ଭଲ ଚିତ୍ରଶିଳ୍ପୀ ଓ ମୂର୍ତ୍ତିକାର। ସେ ଏବେ ନିକଟରେ ଗୋଟିଏ ଶ୍ରୀକୃଷ୍ଣଙ୍କର ଚିତ୍ରପଟ୍ଟ ଆଙ୍କି ଥିଲେ ହେଁ ତାକୁ ସେ ଶେଷ କରିପାରିନାହାଁନ୍ତି। ତୁ ତ ଜାଣୁ ମୋର ଦୃଷ୍ଟିଶକ୍ତି ନାହିଁ ଓ ତୋର ମାଆ ଆଖି ଉପରେ ଚାପ ଦେଇ ଚିତ୍ରଟିକୁ ସଫଳ ରୂପ ଦେବା ମୁଁ ଚାହୁଁ ନଥିବାରୁ ତାକୁ ଏ ତକିଆ ତଳେ

କେଶ ଓ ସ୍କିନର ଯତ୍ନ

ଆପଣ ଘର ଭିତରେ ରୁହନ୍ତୁ ବାମ ବାହାରେ ବାୟୁ ପ୍ରଦୂଷଣରେ ରୁହନ୍ତୁ ଆପଣ ସ୍କିନ୍ ଓ କେଶର ବିଶେଷ ଧ୍ୟାନ ରଖିବା ଉଚିତ୍ । ମନେରଖନ୍ତୁ ଏସି, ରେଫ୍ରିଜରେଟର ଓ ମାଇକ୍ରୋୱେଭରୁ ବାହାରୁଥିବା ଗ୍ୟାସ୍ ଆପରଙ୍କ ସ୍କିନ ଓ କେଶ ପାଇଁ କ୍ଷତିକାରକ ହୋଇଥାଏ । ଖରା ହେଉ ବା ବର୍ଷା ଆପଣ ପ୍ରଦୂଷଣରୁ ଆପଣଙ୍କ ସ୍କିନ ଓ କେଶକୁ ରକ୍ଷା କରିବା ପଶଇଁ ବିଶେଷ ଧ୍ୟାନ ଦିଅନ୍ତୁ । ସ୍କିନ୍ଓେ କେଶକୁ କ୍ଲେଜିଙ୍ଗ, ଟୋନିଙ୍ଗ ଓ ମଇଶ୍ଚରାଇଜିଙ୍ଗ କରନ୍ତୁ । କେଶକୁ ଭରପୂର ମାତ୍ରାରେ ପୋଷଣ ଦିଅନ୍ତୁ ଯାହା ଦ୍ୱାରା କେଶ ଯେପରି ରୁକ୍ଷ ହୋଇପନଯାଏ । ବାହାରକୁ ଯିବା

ସମୟରେ ଆପଣଙ୍କ କେଶକୁ ପ୍ରଦୂଷଣରୁ ରକ୍ଷା କରିବାକୁ ବିଶେଷ ସ୍କୋର ବ୍ୟବହାର କରନ୍ତୁ । ସ୍କିନରେ ସମରସ୍କ୍ରିନ୍ , ଏଲୋଭେରା ଜେଲ ଲଗାନ୍ତୁ । ଏଥିରେ ଆପଣଙ୍କ ସ୍କିନ ୬ରୁ୭ ଘଣ୍ଟା ପର୍ଯ୍ୟନ୍ତ ପ୍ରଦୂଷଣରୁ ରକ୍ଷା ପାଇ ପାରିବ ।

ବ୍ରଣ ସମସ୍ୟାରେ ଚିନ୍ତିତ କି, ଆପଣାନ୍ତୁ ଏହି ଘରୋଇ ଉପଚାର

ଆମେ ନିଜ ମୁହଁକୁ ଗୋରା ସୁନ୍ଦର କରିବା ପାଇଁ ପ୍ରତିଦିନ କିଛି ନାଁ କିଛି କରିଥାଉ । ମୁହଁ ଯେତେ ଗୋରା ଓ ସୁନ୍ଦର ହୋଇଥାଉ ନାଁ କାହିଁକି ଗୋଟିଏ ମାତ୍ର ବ୍ରଟ ହିଁ ସବୁ ସୁନ୍ଦରତାକୁ ନଷ୍ଟ କରିଦିଏ । ଏଥିରୁ ରକ୍ଷା ପାଇବା ପାଇଁ ଆମେ ବିଭିନ୍ନ ବିଜ୍ଞାପନ ଦେଖି ବିଭିନ୍ନ ପ୍ରକାର ଦାମୀ କ୍ରିମ ସବୁ କିଣିଥାଏ ।

ବରଫ: ବ୍ରଣ ଦୂର କରିବା ପାଇଁ ବରଫ ମସାଜ ଏକ ସରଳ ଉପାୟ । ଗୋଟିଏ ବରଫ ଖଣ୍ଡକୁ କପଡ଼ାରେ ବାନ୍ଧି ବ୍ରଣ ଉପରେ ଧିରେ ଧିରେ ପ୍ରାୟ ଗୋଟିଏ ମିନିଟ ମସାଜ କଲେ ବହୁତ ଶିଘ୍ର ବ୍ରଣ ଭଲ ହୁଏ ।

ଲେମ୍ବୁ: ଲେମ୍ବୁରେ ସାଇଟ୍ରିକ୍ ଏସିଡ୍ ଥାଏ । ଏଥିରେ ଆହୁରି ଅନେକ ଉପକାରୀ ଗୁଣ ଅଛି ଯାହା ତ୍ୱଚା ପାଇଁ ଲାଭକାରୀ ହୋଇଥାଏ । ତୁଳାକୁ ଲେମ୍ବୁ ରସରେ ଭିଜାଇ ରାତିରେ ବ୍ରଣ ଉପରେ ଲଗାଇ ସକାଳେ ଥଣ୍ଡା ପାଣିରେ ଧୋଇଲେ ବ୍ରଣ କମ ହେବା ସହ ବ୍ରଣ ଦାଗ ମଧ୍ୟ ଦୂର ହୋଇଥାଏ ।

ଘିକୁଆଁରୀ: ଘିକୁଆଁରୀ ଆମ ଶରୀର ପାଇଁ କେତେ ଉପକାରୀ ଏହା ତ ପ୍ରାୟ ସମସ୍ତେ ଜାଣିଥାନ୍ତି । ଘିକୁଆଁରୀକୁ ତ୍ୱଚାର ଡାକ୍ତର ବୋଲି ମଧ୍ୟ କୁହାଯାଏ । ବ୍ରଣ ସହିତ ଏହା ସନବର୍ଣ୍ଣ ମଧ୍ୟ ଦୂର କରିଥାଏ ।

ମହୁ: କିଛି ମହୁ ନେଇ ବ୍ରଣ ଉପରେ ଲଗାନ୍ତୁ । ମହୁ ତ୍ୱଚା ପାଇଁ ବହୁତ ଉପକାରୀ ହୋଇଥାଏ ।

ପିଲାର ଦାନ୍ତ ଉଠୁଥିଲେ ସଚେତନ ହୁଅନ୍ତୁ

ଦେଢ଼ ବର୍ଷ ଦୁଇବର୍ଷରେ ପିଲାଙ୍କ ଦାନ୍ତ ଉଠେ । ଦାନ୍ତ ଉଠିବା ସମୟରେ ପିଲାଟି ଆଗରେ ଏଣୁତେଣୁ ଜିନିଷ ଯାହା ପଡିଥାଏ ତାକୁ ଉଠାଇ ସେ ପାଟିରେ ପୂରାଏ । କାରଣ ତା'ମାଡି ସେହି ସମୟରେ ସୁଳେଇ ହୁଏ । କିଛି ଜିନିଷ କାମୁଡିବା ଦ୍ୱାରା ମାଡି ଘୋରି ହୋଇ ଦାନ୍ତ ପଦାକୁ ବାହାରି ଆସେ । ତେଣୁ ଏହି ସମୟରେ ମା'କୁ ଟିକେ ସଚେତନ ହେବାକୁ ପଡେ । ପିଲା ଯେପରି ପାଟିରେ ଏଣୁତେଣୁ ନ ପୁରାଇବ ସେ ପ୍ରତି ସତର୍କ ରହିବାକୁ ପଡିବ। ଏହାଦ୍ୱାରା ପିଲାକୁ ବିଭିନ୍ନ ରୋଗ ସଂକ୍ରମଣ କରିବାର ସମ୍ଭାବନା ଥାଏ । ତେଣୁ ଏହି ସମୟରେ ପିଲାକୁ ଗୋଟାଫଳ କାମୁଡିବାକୁ ଦିଅନ୍ତୁ ଅବା ଗୋଟିଏ ଛୋଟ ସଫୁବ୍ରଶ୍ ତା' ହାତରେ ଧରାଇ ଦିଅନ୍ତୁ । ଏହାକୁ ସେ ଚୋବାଇବା ଦ୍ୱାରା ଦାନ୍ତ ଅଳ୍ପଦିନ ଭିତରେ ବାହାରକୁ ବାହାରି ଆସେ । ଏହି ଦାନ୍ତ ମଜବୁତ୍ ହେବା ସହ ଶୀଘ୍ର ଦାନ୍ତ ପଡିବ ନାହିଁ ।

ଓଭର-ସାଇଜ ଟି-ଶାର୍ଟକୁ ନେଇ ଟେନସନ୍ କି ? ଏଥିରେ ବି ଲାଗି ପାରିବେ ଷ୍ଟାଇଲିଶ୍

ବେଳେବେଳେ ଶପିଂ କରିବାକୁ ଯାଇଥିବା ବେଳେ ଜଲଦିରେ ଆମେ କିଛି ଭୁଲ କରିବସୁ। ଜାଣତରେ ହେଉ ବା ଅଜାଣତରେ ବେଳେବେଳେ ଭଲ ଲାଗିଲେ ଆମେ ସାଇଜ ନ ଦେଖି ଓଭର ସାଇଜର ଟି-ଶାର୍ଟ ନେଇ ଆସିଥାଉ। ହେଲେ ଘରେ ଆସି ମୁଣ୍ଡରେ ହାତ ଦେଉ। ତାହାକୁ ରଖିବୁ, ନା ଫେରାଇବକୁ ସେଇ ଦ୍ୱନ୍ଦ୍ୱରେ ପଡୁ। ହେଲେ ଏପରି ସ୍ଥିତିରେ ବେଶି ଟେନସନ ନିଅନ୍ତୁ ନାହିଁ। ଏହି ଓଭର ସାଇଜ ଟି-ଶାର୍ଟରେ ବି ଆପଣ ଲାଗି ପାରିବେ ହଟ୍, ଟ୍ରେଣ୍ଡି ଓ ଷ୍ଟାଇଲିଶ ।

■ଏପରି ଟି-ଶାର୍ଟକୁ ଜିନ୍ସ ସହ ମ୍ୟାଚ କରନ୍ତୁ। ଆଉ ଏହା ଉପରେ ଫିଟିଂ ବ୍ଲେଜର କିମ୍ବା ଜ୍ୟାକେଟ ପିନ୍ଧି ଦିଅନ୍ତୁ। ଏହା ସାଙ୍ଗକୁ ପିନ୍ଧନ୍ତୁ ହାଇ ହିଲ୍ସ। ବେଶି ପରିଶ୍ରମ ବିନା ହିଁ ଆପଣ ଦେଖାଯିବେ ଷ୍ଟାଇଲିଶ୍।

■ଏହାବ୍ୟତୀତ ଓଭର ସାଇଜ ଟି-ଶାର୍ଟକୁ ସ୍କର୍ଟ ସହ ବି ପିନ୍ଧି ପାରିବେ। ଏଥିଲାଗି ଆପଣ ହାଇ-ୱେଷ୍ଟ ସ୍କର୍ଟ ପିନ୍ଧନ୍ତୁ। ପ୍ଲିଟସ୍ ସ୍କର୍ଟସ୍ କିମ୍ବା ଡେନିମ ସ୍କର୍ଟସ୍ ବି ଭଲ ଅପସନ୍। ଏବେ କେବଳ ଟି- ଶାର୍ଟ ଇନ୍ କରନ୍ତୁ ଓ ହୋଇଯାଆନ୍ତୁ ରେଡି।

■ବଡ ଟି-ଶାର୍ଟରେ ବି ଯଦି ଆପଣ ଚାହୁଁଛନ୍ତି ସୁନ୍ଦର ଦେଖାଯିବାକୁ ତା ହେଲେ ଶର୍ଟସ୍ ସହ ପିନ୍ଧନ୍ତୁ। ଚାହିଁଲେ ବେଲ୍ଟ ବି ଲଗାଇ ପାରିବେ। ଏହାକୁ ଅଣ୍ଟା ଉପରେ ବାନ୍ଧି ଦେଖାଯିବେ କୁଲ୍।

■ଆପଣ ବଡ ସାଇଜର ଟି-ଶାର୍ଟକୁ ୱିନ ସାଇଡ୍ ଶୋଲଡର ଟପ୍ ଭଳି ବି ପିନ୍ଧି ପାରିବେ। ଏହାକୁ ଆପଣଙ୍କୁ କେବଳ ଯେ, ଷ୍ଟାଇଲିଶ୍ ଲୁକ୍ ଦେବ ତା ନୁହେଁ, ଆପଣ ଏଥିରେ ଦେଖାଯିବେ ହଟ୍ ଓ ଗ୍ଲାମରସ।

ଏହି ସବୁ ଖାଦ୍ୟ ଦୈନିକ ଖାଆନ୍ତୁ ନାହିଁ: ଅନେକ ଅସୁବିଧାର ହୋଇପାରନ୍ତି ସମ୍ମୁଖୀନ

ଶରୀରର ହାଡ଼କୁ ମଜଭୁତ ରଖିବା ପାଇଁ ଆମକୁ କ୍ୟାଲସିୟମ୍ ଓ ଭିଟାମିନ୍ ଡି'ର ଖୁବ୍ ଆବଶ୍ୟକତା ରହିଛି। କିନ୍ତୁ ଦିନ ସାରା ଆମେ ବହୁ ଏମିତି ଖାଦ୍ୟ ଖାଇଥାଉ ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ। ସେହି ସବୁ ଖାଦ୍ୟ ସଂପର୍କରେ ନିମ୍ନରେ ଉଲ୍ଲେଖ କରାଯାଇଛି।

♦ନମ୍କିନ୍ (ଖଟାମିଠା), ଚିପ୍ସ ଭଳି ସ୍ନାକ୍ସରେ ସୋଡିୟମର ମାତ୍ରା ବହୁ ଅଧିକ ଥାଏ। ଏହାକୁ ଅଧିକ ଖାଇଲେ ଶରୀରର କ୍ୟାଲସିୟମ୍ ମୂତ୍ରାଶୟରୁ ବାହାରକୁ ପଳାଇ ଯାଇଥାଏ, ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ।

♦ଚିନିଜାତୀୟ ଖାଦ୍ୟ ଓ ପାନୀୟରେ ଫସଫରିକ୍ ଏସିଡ୍ ଭଳି ରାସାୟନିକ ପଦାର୍ଥ ବହୁ ମାତ୍ରାରେ ଥାଏ। ଏହାକୁ ଅଧିକ ମାତ୍ରାରେ ଖାଇଲେ ହାଡ଼ ଦୁର୍ବଳ ହୋଇଯାଏ। ଏମିତିରେ ହାଡ଼ ଭାଙ୍ଗିବା ସମସ୍ୟା ବଢ଼ିପାରେ।

♦ପ୍ୟାକେଟରେ ଆସୁଥିବା ତିଆରି ହୋଇଥିବା ଖାଦ୍ୟରେ ସୋଡିୟମର ମାତ୍ରା ଅଧିକ ରହିଥାଏ। ଏହା ଶରୀରରେ କ୍ୟାଲସିୟମ୍‌ର ମାତ୍ରା କମ୍ କରିଥାଏ। ଏହା ଯୋଗୁ ହାଡ଼ ଦୁର୍ବଳ ହୋଇଥାଏ।

♦ବର୍ଗର, ପିଜା, ପାସ୍ତା ଆଦି ଜଙ୍କ୍ ଫୁଡ୍‌ରେ ସୋଡିୟମ୍ ଅନେକ ମାତ୍ରାରେ ଥାଏ। ଏହା ମଧ୍ୟ ଶରୀରରେ କ୍ୟାଲ୍ସିୟମ୍‌ର ମାତ୍ରାକୁ କମ୍ କରିଥାଏ, ଯାହାଦ୍ୱାରା ହାଡ଼ ଦୁର୍ବଳ ହୋଇଥାଏ।

ଆଣ୍ଠୁଗଣ୍ଠି ଯନ୍ତ୍ରଣା କମ୍ କରେ ଅମୃତଭଣ୍ଡା

୧. ଅମୃତଭଣ୍ଡା କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିଥାଏ। ପ୍ରତିଦିନ ଅମୃତଭଣ୍ଡା ଖାଇଲେ ପେଟ ସଫା ରହିଥାଏ ଏବଂ ଆଖି ସୁସ୍ଥ ରହିଥାଏ।

୨. ଆହୁରି ମଧ୍ୟ ଅମୃତଭଣ୍ଡା ଶରୀରରେ ଜଳୀୟଅଂଶକୁ ଠିକ୍ ରଖିଥାଏ। ଏକ ରିପୋର୍ଟ ଅନୁସାରେ ୧୦୦ ଗ୍ରାମ ଅମୃତଭଣ୍ଡା ଖାଇଲେ ଆପଣଙ୍କ ଶରୀରକୁ ୪୩ ଗ୍ରାମ୍ କ୍ୟାଲୋରୀ ମିଳିଥାଏ।

୩. ଅମୃତଭଣ୍ଡାରେ ଫାଇବର, ପୋଟାସିୟମ୍, ଭିଟାମିନ୍ ରହିଛି। ଯାହାକୁ ଖାଇବା ଦ୍ୱାରା ହାର୍ଟ ଜନିତ ସମସ୍ୟା ଦୂର ହୋଇଥାଏ। ଏଥିପାଇଁ ହାର୍ଟରୋଗୀଙ୍କୁ ଅମୃତଭଣ୍ଡା ଖାଇବା ପାଇଁ ଡାକ୍ତର ପରାମର୍ଶ ଦେଇଥା'ନ୍ତି।

୪. ଅମୃତଭଣ୍ଡାରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଣ୍ଟାରୀ ଗୁଣ ଆଣ୍ଠୁଗଣ୍ଠି ଯନ୍ତ୍ରଣାକୁ କମ୍ କରିଥାଏ। ତେଣୁ ବୟସ୍କ ବ୍ୟକ୍ତି ପ୍ରତିଦିନ ଅମୃତଭଣ୍ଡା ଖାଇବା ଅଭ୍ୟାସ କରନ୍ତୁ।

ଅମୃତଭଣ୍ଡା କେବଳ ଖାଇବାକୁ ସ୍ୱାଦିଷ୍ଟ ଲାଗେନାହିଁ। ଏଥିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ମଧ୍ୟ ରହିଛି। ଏହା ପାଚନ ତନ୍ତ୍ରକୁ ମଜବୁତ୍ ରଖିବା ସହ ଓଜନ କମାଇବା ପାଇଁ ସାହାଯ୍ୟ କରିଥାଏ। ପାଚିଲା ଅମୃତଭଣ୍ଡାକୁ ଆପଣ ଜୁସ୍ କରି ପିଇପାରିବେ କିମ୍ବା କଞ୍ଚା ଅମୃତଭଣ୍ଡାରେ ତରକାରୀ କରି ମଧ୍ୟ ଖାଇପାରିବେ। ପ୍ରାଚୀନ କାଳରେ ଲୋକେ ଅମୃତଭଣ୍ଡାକୁ ଘରୋଇ ଉପଚାର ଭାବରେ ବ୍ୟବହାର କରୁଥିଲେ। ଭାରତ ବ୍ୟତୀତ ମାଲେସିଆ ଓ ଥାଇଲାଣ୍ଡରେ ପ୍ରଚୁର ମାତ୍ରାରେ ଭଣ୍ଡା ଚାଷ କରାଯାଇଥାଏ। ତା'ହେଲେ ଆସନ୍ତୁ ଜାଣିବା ଅମୃତଭଣ୍ଡା ଖାଇଲେ ଶରୀରକୁ କେଉଁସବୁ ଫାଇଦା ମିଳିଥାଏ।

ଅସ୍ୱାସ୍ଥ୍ୟକର ପରିବେଶ ପାଲଟିଛି ହୃଦ୍‌ଘାତର କାରଣ

ଆଜିକାଲି ଅଧିକାଂଶ ଲୋକ ହୃଦଘାତର ଶିକାର ହେଉଛନ୍ତି । ଅସୁସ୍ଥକର ପରିବେଶ, ଅତ୍ୟଧିକ ଚିନ୍ତା ଏହାର ମୁଖ୍ୟ କାରଣ ପାଲଟିଛି । ନିକଟରେ ହୋଇଥିବା ଏକ ଗବେଷଣାରୁ ଜାଣିବାକୁ ମିଳିଛି ୪୫ ପ୍ରତିଶତ ହୃଦଘାତ ବିନା କୌଣସି ଲକ୍ଷଣରେ ହେଉଛି। ପ୍ରାୟ ୨୫ ପ୍ରତିଶତ ହୃଦଘାତ ୪୦ ବର୍ଷ ବୟସ ମଧ୍ୟରେ ଘଟୁଛି । ଏମିତି ନୁହଁ ଯେ ହୃଦଘାତ ହେବା ପୂର୍ବରୁ କୌଣସି ଲକ୍ଷଣ ଦିଶେ ନାହିଁ , ବରଂ ଆମେ ଅଧିକାଂଶ ସମୟରେ ଜାଣିପାରନ୍ତି ନାହିଁ । ତେବେ ଚାଲନ୍ତୁ ଏହି ଲକ୍ଷଣଗୁଡିକ ସଂପର୍କରେ ଜାଣିବା ।

♦ହଠାତ୍ ଆପଣଙ୍କୁ ଯଦି ଅସହଜ ମନେହେଉଛି ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । ଏହା ବି ସାଇଲେଣ୍ଟ୍ ହାର୍ଟଆଟାକ୍ (ହୃଦଘାତ)ର ଏକ ଲକ୍ଷଣ ହୋଇଥାଏ ।

♦ବିନା କାରଣରେ ମୁଣ୍ଡ ବୁଲାଇବା ବି ଏହାର ଏକ ଲକ୍ଷଣ । ଯଦି ଖାଇନାହାନ୍ତି କିମ୍ବା ଖରାରେ ଯାଉଛନ୍ତି ତେବେ ଏହା ଭିନ୍ନ କଥା କିନ୍ତୁ ଅଯଥାରେ ମୁଣ୍ଡ ବୁଲାଇବା ଅର୍ଥ ହୃଦଘାତ ହୋଇପାରେ । ନିଶ୍ୱାସ ନେବାରେ ବି ଅସୁବିଧା ଅନୁଭୂତ ହୋଇଥାଏ ହୃଦଘାତ ପୂର୍ବରୁ। ଛୋଟ ଛୋଟ ନିଶ୍ୱାସ ନେବା ଏହାର ଏକ ଲକ୍ଷଣ।

♦ନିଦ୍ରାହୀନତା ଅନେକ ରୋଗର ଲକ୍ଷଣ ହୋଇଥିବା ବେଳେ ହୃଦଘାତର ପ୍ରମୁଖ କାରଣ ହୋଇଥାଏ। ବାନ୍ତି ଲାଗିବା ବି ହୃଦଘାତର ଲକ୍ଷଣ। ଅନ୍ୟ କିଛି ଲକ୍ଷଣ ସହ ବାନ୍ତି ଲାଗୁଥିଲେ ହୃଦଘାତ ହୋଇପାରେ ବୋଲି ଚିନ୍ତା କରି ସତର୍କ ରୁହନ୍ତୁ।

♦ହଜମ ନହେବା ଓ ଗ୍ୟାସ୍ ସମସ୍ୟାକୁ ବି ହୃଦଘାତର ପୂର୍ବବର୍ତ୍ତୀ ସୋପାନ ବୋଲି ଧରାଯାଏ ।

ମୋ ସ୍କୁଲ୍ ଅଭିଯାନର ୩୫ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ

ଭୁବନେଶ୍ୱର,୧୯/୦୭ (ନି.ପ୍ର): 'ମୋ ସ୍କୁଲ୍ ଅଭିଯାନ'ର ୩୫ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ସୋମବାର ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଅଧ୍ୟକ୍ଷତା କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ 'ମୋ ସ୍କୁଲ୍ ଅଭିଯାନ' ମାଧ୍ୟମରେ ରାଜ୍ୟରେ ଥିବା ସମସ୍ତ ସରକାରୀ ବିଦ୍ୟାଳୟର ଭିତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ଚଳିତ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଓଡ଼ିଶାର ୨୬ଟି ଜିଲ୍ଲାର ମୋଟ ୧୩୧ କୋଟି ୭୩ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଗତ ୧ ମାସ ମଧ୍ୟରେ ୧୦,୬୭୨ ପୁରାତନ ଛାତ୍ରଛାତ୍ରୀ 'ମୋ ସ୍କୁଲ୍ ଅଭିଯାନ' ସହ ଯୋଡ଼ିହୋଇଛନ୍ତି । ସେମାନେ ନିଜ ନିଜ ବିଦ୍ୟାଳୟର ବିକାଶ ପାଇଁ ୫ କୋଟି ୬ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି ।

ବିଭିନ୍ନ ସିଏସ୍‌ଆରପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ 'ମୋ ସ୍କୁଲ୍ ଅଭିଯାନ'କୁ ୩୮ କୋଟି ୮୫ ଲକ୍ଷ ଟଙ୍କାର ଅନୁଦାନ ଆସିଛି । ପୁରାତନ ଛାତ୍ରଛାତ୍ରୀ ଏବଂ ସିଏସ୍‌ଆର ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୧୩୧ କୋଟି ୭୩ ଲକ୍ଷ ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ ପ୍ରଦାନ କରିଛି, ଯାହାକି ୧୫୫୭ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ଭିତିଭୂମି ବିକାଶରେ ବିନିଯୋଗ ହେବ । ବାଲେଶ୍ୱରରେ ସର୍ବାଧିକ ୧ କୋଟି ୧୨ ଲକ୍ଷ, କଟକରେ ୪୨ ଲକ୍ଷ, ଭଦ୍ରକରେ ୨୫ ଲକ୍ଷ ୨୨ ହଜାର, ସମ୍ବଲପୁରରେ ୨୪ ଲକ୍ଷ ୨୭ ହଜାର ଏବଂ ମୟୂରଭଞ୍ଜରେ ୧୮ ଲକ୍ଷ ୯୪ ହଜାର ଟଙ୍କା ପୁରାତନ ଛାତ୍ରଛାତ୍ରୀମାନେ ପ୍ରଦାନ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ମୋଟ ୬ ଲକ୍ଷ ୮୫ ହଜାର ପୁରାତନ ଛାତ୍ରଛାତ୍ରୀ 'ମୋ ସ୍କୁଲ୍ ଅଭିଯାନ' ମାଧ୍ୟମରେ ସ୍କୁଲ୍‌ଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ୩ୟ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଏବଂ 'ମୋ ସ୍କୁଲ୍' ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ୨୦୨୨-୨୩ ଆର୍ଥିକ ବର୍ଷରେ 'ମୋ ସ୍କୁଲ୍ ? ଅଭିଯାନ'କୁ ୬୪୪ କୋଟି ଟଙ୍କାର ଆର୍ଥିକ ଅନୁଦାନ ମିଳିଛି । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ପରେ ବଳକା ଥିବା ୪୩୧୦ଟି ଉଚ୍ଚ ବିଦ୍ୟାଳୟରୁ ୩ୟ ପର୍ଯ୍ୟାୟରେ ୨୧୫୯ଟି ହାଇସ୍କୁଲ୍‌ର ରୂପାନ୍ତରଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ବିଦ୍ୟାଳୟ ରୂପାନ୍ତରଣ ନିମନ୍ତେ 'ମୋ ସ୍କୁଲ୍' ପାଣ୍ଠିରେ ଥିବା ଅର୍ଥକୁ ଏଥିପାଇଁ ଖର୍ଚ୍ଚ କରାଯାଇପାରିବ । ଏହାବ୍ୟତୀତ ପ୍ରତ୍ୟେକ ରୂପାନ୍ତରିତ ବିଦ୍ୟାଳୟରେ ସିସିଟିଭି କ୍ୟାମେରା, ବଜ୍ରପାତରୁ ସୁରକ୍ଷା ପାଇଁ ଲାଇଟେନିଂ ଆରେଷ୍ଟର ଏବଂ ଅଗ୍ନିନିର୍ବାପକ ଯନ୍ତ୍ର ଲଗାଯିବ । ହାଇସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ରୂପାନ୍ତରିତ ହୋଇଥିବା ସମସ୍ତ ସ୍କୁଲ୍ ରେ ଇଣ୍ଟରନେଟ୍ ସଂଯୋଗ କରାଯିବ । ବିଶେଷକରି ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକରେ ଯେପରି ପିଲାମାନେ ଇଣ୍ଟରନେଟ୍ ସୁବିଧା ପାଇପାରିବେ ତାହା ଉପରେ ଗୁରୁତ୍ୱ ଦେବାକୁ ପ୍ରମୁଖ ସଚିବ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ 'ମୋ ସ୍କୁଲ୍' ସଦସ୍ୟ ସଚିବ ତଥା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ବିଭାଗୀୟ ଅତିରିକ୍ତ ଶାସନ ସଚିବ ପ୍ରତାପ କୁମାର ମିଶ୍ର, ବିଭାଗୀୟ ଆର୍ଥିକ ଉପଦେଷ୍ଟା ରତିକାନ୍ତ ମହାପାତ୍ର, ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା, ନିର୍ଦ୍ଦେଶକ, ଟିଇ, ଏସ୍‌ସିଇଆରଟି ଏବଂ 'ମୋ ସ୍କୁଲ୍ ଅଭିଯାନ' ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ ଜେନା, 'ମୋ ସ୍କୁଲ୍' ଭାରପ୍ରାପ୍ତ ଅଧିକାରୀ ପ୍ରବୀର କୁମାର ଖିଲାର ଉପସ୍ଥିତ ଥିଲେ ।

ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ ୱେବସାଇଟର ଲୋକାର୍ପିତ

ଭୁବନେଶ୍ୱର,୧୯/୦୭ (ନି.ପ୍ର): ଲୋକସେବା ଭବନ ପରିସରରେ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ,ଖଲିକୋଟ ପାଇଁ ପ୍ରସ୍ତୁତ ୱେବ୍ ସାଇଟ୍ http://gcacodisha.nic.in ର ଶୁଭ ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଏହାକୁ ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଲୋକାର୍ପଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ,ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମଧୁସୂଦନ ପାଢୀ, ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ୱେବ୍ ସାଇଟ୍ ଲୋକାର୍ପିତ ହେବା ଦ୍ୱାରା ଓଡିଶା ତଥା ଦେଶର ଜନସାଧାରଣ ଉପକୃତ ହେବା ସହିତ ଓଡିଆ କଳାକାରିତା ତଥା ସାମ୍ପ୍ରତିକ କଳାଚର୍ଚ୍ଚାର ପରିସର ସୁଦୂର ପ୍ରସାରି ହେବା ସଙ୍ଗେ ସଙ୍ଗେ କଳାର ଅଭିବୃଦ୍ଧିରେ ସହାୟକ ହେବ । ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ସୁବ୍ରତ କୁମାର ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଏହି ୱେବ୍ ସାଇଟ୍ ପ୍ରସ୍ତୁତି ଓ ଲୋକାର୍ପଣ ପାଇଁ ଉପସ୍ଥିତ ଅତିଥି ତଥା ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ତଥା ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଜୟନ୍ତ ଦାସ ଏବଂ ଅଧ୍ୟାପକମାନେ ଉପସ୍ଥିତ ଥିଲେ ।

ଡେଙ୍ଗୁ, ମାଲେରିଆ ଟେଷ୍ଟିଂ ବଢ଼ାଇବା ଦରକାର

ଭୁବନେଶ୍ୱର ,୧୯/୦୭ (ନି.ପ୍ର): ବର୍ଷା ଆରମ୍ଭ ହୋଇଯାଇଥିବାରୁ ପାଣି ଜମୁ ଥିବା ଅଞ୍ଚଳରେ ମଶା ଜନିତ ରୋଗ ଯଥା ଡେଙ୍ଗୁ, ମାଲେରିଆ ଆଦିର ଆଶଙ୍କା ବୃଦ୍ଧି ପାଇଛି । ଏହି ସ୍ଥିତିର ମୁକାବିଲା ଲାଗି ଡେଙ୍ଗୁ ଓ ମାଲେରିଆ ଟେଷ୍ଟିଂ ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି । ଏପିଆଇ/ଆଇସିପି/ପିଆରଏଫ୍‌ର ପୂର୍ବତନ ସେକ୍ରେଟାରି ଜେନେରାଲ୍ ପ୍ରଫେସର ମଙ୍ଗେଶ ତିୱାସ୍କର କହିଛନ୍ତି ଯେ ଡେଙ୍ଗୁ ପରିଚାଳନାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ମାମଲାଗୁଡ଼ିକୁ ଆଗୁଆ ଚିହ୍ନଟ କରିବ । ଶୀଘ୍ର ନିଦାନ ଓ ଉପଯୁକ୍ତ ରୋଗ ପରିଚାଳନା ଦ୍ୱାରା ଘାତକ ମାମଲାକୁ ୧ ପ୍ରତିଶତରୁ କମ୍ କରାଯାଇପାରିବ । ଡେଙ୍ଗୁ କ୍ଷେତ୍ରରେ କୌଣସି ପ୍ରତ୍ୟକ୍ଷ ଆଣ୍ଟିଭାଇରାଲ୍ ଚିକିତ୍ସା ସୁବିଧା ନାହିଁ । ଡକ୍ସିସାଇକ୍ଲିନ୍ ଭଳି ଆଣ୍ଟିବାୟୋଟିକ୍‌ର ବ୍ୟବହାର କରାଯାଇପାରେ । ଯେହେତୁ ଡେଙ୍ଗୁ ପାଇଁ କୌଣସି ଔଷଧ ନାହିଁ ତେଣୁ ପ୍ରତିଷେଧମୂଳକ ପଦକ୍ଷେପ ସ୍ୱରୂପ ତାହାକୁ ରୋକିବା ଲାଗି ଉଦ୍ୟମ କରିବା ନିହାତି ଜରୁରୀ ।

ଅଲ ଓଡିଶା ଚେସ୍ ଚାମ୍ପିଅନସିପ ଉଦ୍‌ଯାପିତ, ହର୍ଷିତ ରଞ୍ଜନ ସାହୁ ଚାମ୍ପିୟାନ

ଭୁବନେଶ୍ୱର,୧୯/୦୭ (ନି.ପ୍ର): ଅଲ ଓଡିଶା ଚେସ୍ ଚାମ୍ପିଅନସିପରେ କଟକର ହର୍ଷିତ ରଞ୍ଜନ ସାହୁ ଚାମ୍ପିୟାନ ହୋଇଛନ୍ତି । ଦ୍ୱିତୀୟ ରେ ଖୋର୍ଦ୍ଧାର ରାଜେନ୍ଦ୍ର କୁମାର ସାହୁ ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି କଟକର ନିଲସୁ ପଟ୍ଟନାୟକ । ସେମାନଙ୍କୁ ଟ୍ରଫି ସହ ପ୍ରାଇଜ ମନି ପ୍ରଦାନ କରାଯାଇଛି । ଅନ୍ୟପଟେ ଶ୍ରେଷ୍ଠ ୧୫ ଜଣ ଖେଳାଳିଙ୍କୁ ଟ୍ରଫି ସହ ପ୍ରାଇଜ ମନି ପ୍ରଦାନ କରାଯାଇଛି । ଏହା ବ୍ୟତୀତ ବିଭିନ୍ନ ଏଜ ଗ୍ରୁପରେ ଭାଗ ନେଇ ସଫଳ ହୋଇଥିବା ପ୍ରତିଯୋଗୀଙ୍କୁ ମଧ୍ୟ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଛି । ଅଣ୍ଡର-୭ କ୍ୟାଟେଗୋରୀରେ କଟକର ଆଦଭିକ ଆଦିତ୍ୟ ସ୍ୱାଇଁ , ଅଣ୍ଡର-୯ କ୍ୟାଟେଗୋରୀରେ ସାର୍ଥକ ମହାନ୍ତି, ଅଣ୍ଡର-୧୧ କ୍ୟାଟେଗୋରୀରେ ଜୟଦିତା ପାଢ଼ୀ , ଅଣ୍ଡର-୧୩ କ୍ୟାଟେଗୋରୀରେ ପ୍ରତିସା ମିତ୍ର, ଅଣ୍ଡର-୧୫ କ୍ୟାଟେଗୋରୀରେ ଐଶ୍ୱର୍ଯ୍ୟ ରାଉତ ବିଜୟୀ ହୋଇଛନ୍ତି । ଓଡିଶା ଚେସ୍ ଆସୋସିଏସନ୍ ବ୍ୟାନରରେ ଆଇ.ଆଇ.ଜି ସ୍ପୋର୍ଟସ୍ ଏକାଡେମୀ ପକ୍ଷରୁ କେଟି ଗ୍ଲୋବାଲ୍ ସ୍କୁଲ୍ କ୍ୟାମ୍ପସରେ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୧୮ ତାରିଖ ଉଦଯାପିତ ହୋଇଛି । ରାଜ୍ୟରୁ ଶତାଧିକ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଶଂଗ୍ରହଣ କରିଥିଲେ । ଓପନ ସହ ୫ଟି କ୍ୟାଟେଗୋରୀରେ ଏହି ପ୍ରତିଯୋଗିତା ଖେଳାଯାଇଥିଲା ।

ଶହୀଦ ରଘୁନାଥ ମହାନ୍ତିଙ୍କ ବଳିଦାନ ପ୍ରଜାମଣ୍ଡଳ ଆନ୍ଦୋଳନକୁ ନୂତନ ଦିଗ୍‌ଦର୍ଶନ ଦେଇଥିଲା

ଭୁବନେଶ୍ୱର,୧୯/୦୭ (ନି.ପ୍ର): ରଣପୁର ପ୍ରଜାମଣ୍ଡଳ ଆନ୍ଦୋଳନର ନେତା ଶହୀଦ ରଘୁନାଥ ମହାନ୍ତିଙ୍କ ୧୧୨ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ,ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥି, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ପ୍ରଫେସର (ଡଃ) ବାମନ ପରିଡ଼ା, ଶହୀଦ ରଘୁଦିବାକର ସ୍ମୃତି ସଂସଦର ସଭାପତି ବ୍ରଜବନ୍ଧୁ ପରିଡ଼ା, କବି ସୁଦର୍ଶନ ପ୍ରଧାନ, ଗିରିଜା ମହାପାତ୍ର, ସତ୍ୟବ୍ରତ ଜେନା, ବି. ମୂରଲୀଧର, ନାରାୟଣ ଖୁଣ୍ଟିଆ, ଗିରିଜା ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ରଣପୁର ପ୍ରଜା ମଣ୍ଡଳ ଆନ୍ଦୋଳନକୁ ଆଗେଇ ନେବାରେ ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ସ୍ମୃତି ଚାରଣ କରିବା ସହ ବେଜେଲ୍‌ଗେଟ୍ ହତ୍ୟାକାଣ୍ଡରେ ତାଙ୍କୁ ମିଥ୍ୟା ମାମଲାରେ ଜଡ଼ିତ କରି ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିଲା । ତାଙ୍କର ବଳିଦାନ ପରବର୍ତ୍ତୀ ଅବସ୍ଥାରେ ରଣପୁର ସହ ବିଭିନ୍ନ ଗଡ଼ଜାତରେ ପ୍ରଜାମଣ୍ଡଳ ଆନ୍ଦୋଳନକୁ ଅଧିକ ସକ୍ରିୟ କରିଥିଲା ଓ ଯାହାର ଫଳସ୍ୱରୂପ ରାଜ୍ୟରେ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ ବିଭିନ୍ନ ଗଡ଼ଜାତରେ ପ୍ରଜାମଣ୍ଡଳ ଆନ୍ଦୋଳନକୁ ଅଧିକ ବ୍ୟାପକ କରିଥିଲେ ଓ ଲୋକେ ରାଜ ଅତ୍ୟାଚାର ବେଠି ବେଗାରୀରୁ ମୁକ୍ତ ହୋଇଥିଲେ । ଦେଶପାଇଁ ପ୍ରାଣବଳି ଦେଇଥିବା ଶହୀଦମାନଙ୍କ ଜୀବନାଦର୍ଶ ଯୁଗେ ଯୁଗେ ଛାତ୍ର ଓ ଯୁବ ସମାଜକୁ ସମାଜ ସେବା କ୍ଷେତ୍ରରେ ପ୍ରବେଶ ପାଇଁ ଉତ୍ସାହିତ କରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ କବୟିତ୍ରୀ ଜୟଶ୍ରୀ ଦାସଙ୍କ ଦ୍ୱାରା ଲିଖିତ "ଜଗନ୍ନାଥ ସ୍ୱାମୀ" ପୁସ୍ତକ ଉନ୍ମୋଚିତ ହୋଇଥିଲା ।

ମାଇନିଂରୁ ରାଜସ୍ୱ କମ ହେଲେ ଏହାକୁ ଭରଣା କରିବାକୁ ବଜେଟ ଷ୍ଟାବିଲେଇଜେସନ ଫଣ୍ଡରୁ ଏହାର ବ୍ୟବସ୍ଥା

ଭୁବନେଶ୍ୱର,୧୯/୦୭ (ନି.ପ୍ର): ଚଳିତ ବଜେଟରେ ମାଇନିଂ କ୍ଷେତ୍ରରୁ ଯେତିକି ରାଜସ୍ୱ ଆଦାୟ କରିବାକୁ ଲକ୍ଷ୍ୟ ରଖା ଯାଇଛି ଯଦି ସେତିକିକୁ କମ ରାଜସ୍ୱ ଆଦାୟ ହୁଏ ତେବେ ଏହାକୁ ଭରଣା କରିବାକୁ ବଜେଟ ଷ୍ଟାବିଲାଇଜେସନ ଫଣ୍ଡର ବ୍ୟବସ୍ଥା କରା ଯାଇଛି । ତେଣୁ ଏପରି ସ୍ଥିତି ଉତ୍ପନ୍ନ ହେଲେ କୌଣସି ପ୍ରକାର ଅସୁବିଧା ହେବ ନାହିଁ ବୋଲି ଅର୍ଥ ମନ୍ତ୍ରୀ ନିରଂଜନ ପୁଜାରୀ କହିଛନ୍ତି । ପ୍ରଶ୍ନକାଳରେ ବିଧାୟକ ଭୁପିନ୍ଦର ସିଂହ ପ୍ରଶ୍ନ କରିଥିଲେ ଯେ ମାଇନିଂ କ୍ଷେତ୍ରରେ ଚଳିତ ବଜେଟରେ ଯେତିକି ଅର୍ଥ ରାଜସ୍ୱ ଆକାରରେ ମିଳିବାର ଲ କ୍ଷ୍ୟ ରଖା ଯାଇଛି ଯଦି ସେତିକି ରାଜସ୍ୱ ହାସଲ ନ ହୁଏ ତେବେ ଏହାର ବ୍ୟବସ୍ଥା କିପରି କରା ଯିବ ।

ଏହାର ଉତରରେ ଅର୍ଥ ମନ୍ତ୍ରୀ ନିରଂଜନ ପୁଜାରୀ କହିଥିଲେ ଯେ ମାଇନିଂ କ୍ଷେତ୍ରରୁ ଆସୁଥିବା ରାଜସ୍ୱ ସବୁବେଳେ ତରଙ୍ଗ ପରି ହୋଇଆଏ । କେତେବେଳେ ଏହା ବେଶୀ ହୁଏ ତ କେତେବେଳେ ଏହା କମ ହୁଏ । ତେଣୁ ଏହାକୁ ଆଖି ଆଗରେ ରଖି ସରକାର ବଜେଟ ଷ୍ଟାବିଲାଇଜେସନ ଫଣ୍ଡର ବ୍ୟବସ୍ଥା କରିଛନ୍ତି । ଏଥିରେ ଦଶ ହଜାର କୋଟି ଟଙ୍କାର ବ୍ୟବସ୍ଥା କରା ଯାଇଥିବା ସେ ସୂଚନା ଦେଇଛନ୍ତି ।

ରାଜ୍ୟରେ ପୁଣି ଦୈନିକ କରୋନା ସଂକ୍ରମଣ ବୃଦ୍ଧି: ୧୧୦ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୧୯/୦୭ (ନି.ପ୍ର): ଆଜି ରାଜ୍ୟରେ ପୁଣି ଦୈନିକ କରୋନା ସଂକ୍ରମଣ ବୃଦ୍ଧି ପାଇଛି । ଗତକାଲି ୮୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୯୪୫ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୫୩୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୩୯୨ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୧୧୦ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୮ଟି ଜିଲ୍ଲାରୁ ୯୪୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୭୧ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨୨, ବାଲେଶ୍ୱର ଜିଲ୍ଲାରୁ ୫ ଜଣ, ବରଗଡ଼ରୁ ୯ ଜଣ, ଭଦ୍ରକରୁ ୬ ଜଣ, ବଲାଙ୍ଗୀରରୁ ୧୨ଜଣ, ବୌଦ୍ଧରୁ ୧୨ ଜଣ, କଟକରୁ ୭୫ ଜଣ, ଦେବଗଡ଼ରୁ ୩ ଜଣ, ଢେଙ୍କାନାଳରୁ ୨ ଜଣ, ଗଜପତିରୁ ୯ ଜଣ, ଗଞ୍ଜାମରୁ ୪, ଜଗତସିଂହପୁରରୁ ୧୪ ଜଣ, ଯାଜପୁରରୁ ୧୩ ଜଣ, ଝାରସୁଗୁଡ଼ାରୁ ୫ ଜଣ, କଳାହାଣ୍ଡି ଜିଲ୍ଲାରୁ ୧୮ ଜଣ, କନ୍ଧମାଳରୁ ୪ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୨ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୩୭୧, କୋରାପୁଟ ଜିଲ୍ଲାରୁ ୬ ଜଣ, ମୟୂରଭଞ୍ଜରୁ ୩୨ ଜଣ, ନବରଙ୍ଗପୁରରୁ ୩ ଜଣ, ନୟାଗଡ଼ ଜିଲ୍ଲାରୁ ୨୭ ଜଣ, ନୂଆପଡ଼ାରୁ ୭ ଜଣ, ପୁରୀରୁ ୨୦ ଜଣ, ରାୟଗଡ଼ାରୁ ୧୫ ଜଣ, ସମ୍ବଲପୁରରୁ ୫୩ ଜଣ, ସୋନପୁରରୁ ୩୭ ଜଣ, ସୁନ୍ଦରଗଡ଼ରୁ ୧୦୩ ଜଣ ଓ ଷ୍ଟେଟପୁଲରୁ ୭୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ଖାଲି ପଡ଼ିଛି ୭୦୩ ଡାକ୍ତରୀ ପଦବି

ଭୁବନେଶ୍ୱର,୧୯/୦୭ (ନି.ପ୍ର): ରାଜ୍ୟରେ ୭୦୩ ଡାକ୍ତରୀ ପଦବି ଖାଲି ପଡ଼ିଛି । ରାଜ୍ୟରେ ସମୁଦାୟ ୮୭୫୦ ମଞ୍ଜୁରୀପ୍ରାପ୍ତ ଡାକ୍ତର ସଂଖ୍ୟା ଥିବା ବେଳେ ତହିଁରେ ୮୦୪୭ଜଣ ଡାକ୍ତର କାର୍ଯ୍ୟରତ ଥିବା ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସ ।

ବିଧାୟକ କୁସୁମ ଟେଟେଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଦାସ କହିଛନ୍ତି ଯେ ଗତ ୩ବର୍ଷରେ ରାଜ୍ୟର ସରକାର ଓ ବେସରକାରୀ ମେଡିକାଲ କଲେଜରୁ ୨୪୨୩ଜଣ ଡାକ୍ତରୀ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ୨୦୧୯ ମସିହାରେ ଓପିଏସ୍ ?ସି ଦ୍ୱାରା ୧୪୦୩, ୨୦୨୦ରେ ୭୬୩ ଓ ୨୦୨୧ରେ ସ୍ୱତନ୍ତ୍ର ଡ୍ରାଇଭ୍ ଜରିଆରେ ୮୧ଜଣଙ୍କୁ ନିଯୁକ୍ତି ଦିଆଯାଇଛି । ୩ବର୍ଷରେ ୨୨୪୭ଜଣ ନିଯୁକ୍ତି ପାଇଛନ୍ତି । ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୨୯୪ ଡାକ୍ତରୀ ପଦବି ଖାଲି ରହିଛି । ମୟୂରଭଞ୍ଜ ୨୭୬, ସୁନ୍ଦରଗଡ଼ ୨୦୪, କଳାହାଣ୍ଡି ୧୬୧ ଖାଲି ରହିଛି । ଗଜପତି ଜିଲ୍ଲାରେ ସର୍ବନିମ୍ନ ୪୩ଜଣ ଡାକ୍ତର ପଦବି ଖାଲି ପଡ଼ିଛି ।

ସରିଯିବ କୋଭିସିଲ୍ଡ: ରାଜ୍ୟ ପାଖରେ ଅଛି ଦେଢ଼ ଲକ୍ଷରୁ କମ୍ ଡୋଜ୍

ଭୁବନେଶ୍ୱର,୧୯/୦୭ (ନି.ପ୍ର): ରାଜ୍ୟରେ ପାଖରେ ଅଛି ଏବେ ଦେଢ଼ ଲକ୍ଷରୁ କମ୍ କୋଭିସିଲ୍ଡ ଟିକା । ନିର୍ଦ୍ଦିଷ୍ଟ ଭାବେ କହ

ରୋଟାରୀ ଇଣ୍ଟରନ୍ୟାସନାଲର ୩୬ତମ ଅଧିଷ୍ଠାନ ଦିବସ ପାଳିତ

ଜଳେଶ୍ୱର, ୧୮/୭ (ନି.ପ୍ର): ଦୀର୍ଘ ୩୬ବର୍ଷ ପୂର୍ବେ ଜଳେଶ୍ୱରରେ ଜନ୍ମ ନେଇଥିବା ରୋଟାରୀ କ୍ଲବର ଆଜି ବାର୍ଷିକ ଉତ୍ସବ ମୂରଲୀକଲ୍ୟାଣ ମଣ୍ଡପରେ ଧୂମ୍‌ଧାମ୍‌ରେ ପାଳିତ ହୋଇ ଯାଇଛି । ବିଦାୟୀ ସଭାପତି ରାଜେଶ କୁମାର ଖଟୁଆ ପ୍ରଥମ ପର୍ଯ୍ୟାୟରେ ସଭାପତିତ୍ୱ କରି ବିଭିନ୍ନ ଅଂଚଳରୁ ଆସିଥିବା ରୋଟାରିଆନ୍‌ମାନଙ୍କୁ ସ୍ୱାଗତ ଜଣାଇ ବିଗତବର୍ଷର ସଫଳତା ସଂପର୍କରେ କହିଥିଲେ । ମୁଖ୍ୟ ଅତିଥିଭାବେ ରୋଟାରୀ ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ଯୋଗ ଦେଇ ରେଟାରୀର ଶୃଙ୍ଖଳା, ଆଭିମୁଖ୍ୟ, କର୍ତ୍ତବ୍ୟ, କାର୍ଯ୍ୟକାରୀତା ସଂପର୍କରେ ଅଭିଭାଷଣ ରଖିଥିଲେ । ସମ୍ମାନୀତ ଅତିଥିଭାବେ ରୋଟାରୀ ଜିଲ୍ଲା ୩୨୬୨ର ସଂପାଦକ ମନୋଜ କୁମାର ତ୍ରିପାଠୀ ଯୋଗ ଦେଇ ରୋଟାରୀର ସମ୍ମିଳୀତ ଉଦ୍ୟମ ଫଳରେ ଦେଶରୁ ପୋଲିଓ ନିର୍ମୁଳ ହେବାକୁ ଯାଉଥିବା ବେଳେ ଆସନ୍ତା ଦିନରେ ବହୁ ଜନହୀତକର କାର୍ଯ୍ୟ ହେବ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ରୋଟାରୀ ଜିଲ୍ଲା ଜୋନ୍‌ର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁ ବକ୍ତବ୍ୟ ରଖିଥିଲେ । ପ୍ରଭାତ କୁମାର ସାହୁ ମଂଚ ଆହ୍ୱାନ କରିଥିଲେ । ସଂପାଦକ ମଣିଭଦ୍ର ଜେନା ବିଗତବର୍ଷର ସଫଳତା ସଂପର୍କରେ ବିବରଣୀ ପାଠ କରିଥିବା ବେଳେ ସୁବ୍ରତ କୁମାର ରଣା ମଂଚ ପରିଚାଳନା କରିଥିଲେ । ୨ୟ ପର୍ଯ୍ୟାୟ ସଭାରେ ନବନିର୍ବାଚିତ ସଭାପତି ଡ. ଦିପ୍ତିମୟୀ ମହାପାତ୍ର ଜଳେଶ୍ୱର ଓ ଭୋଗରାଇ ଅଂଚଳର ଶ୍ରମିକ, ମତ୍ସ୍ୟଜିବୀ ଓ କେତେକ ସମୁଦ୍ରଜୀବ ମାନଙ୍କ ସଂପର୍କରେ କାର୍ଯ୍ୟକ୍ରମ ମାନ ହାତକୁ ନିଆଯିବା ସଂପର୍କରେ କହିଥିଲେ । ସଂପାଦକ ସତ୍ୟନାରାୟଣ ସିଂ କାର୍ଯ୍ୟଭାର ଗ୍ରହଣ କରି ରୋଟାରୀ ଆସନ୍ତା ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ସଂପର୍କରେ କହିଥିଲେ । କ୍ଲବର ମୁଖପତ୍ର 'ଦି ସର୍ଭିସ୍' କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିବା ବେଳେ ମାଧ୍ୟମିକ ପରୀକ୍ଷାରେ ଟପ୍ପର ହୋଇଥିବା ପ୍ରତିଭାଧର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରୋଟ୍ରାଟ୍ କ୍ଲବର ସଭାପତିଭାବେ ରାଜକିଶୋର ହୁଇ, ସଂପାଦକ ଗୋପାଳ ବେହେରା, ଇନର ହୁଇଲ କ୍ଲବର ସଭାପତିଭାବେ ରାଜେଶ୍ୱରୀ ପାଣିଗ୍ରାହୀ ଓ ସଂପାଦିକାଭାବେ ବିନ୍ଦୁମତୀ ଗିରି କାର୍ଯ୍ୟଭାର ଗ୍ରହଣ କରିଥିଲେ । ଏଥିରେ ବାଲେଶ୍ୱର, ବାରିପଦା, ବେତନଟୀ, ବାଲିଆପାଳ, ରାସଗୋବିନ୍ଦପୁର କ୍ଲବର ବହୁ ସଦସ୍ୟ ଯୋଗ ଦେଇଥିଲେ । ଜଳେଶ୍ୱର ପଂଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା, ଉପାଧ୍ୟକ୍ଷା ସଂଜିତା ସେନାପତି, ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ପ୍ରମୁଖ ଯୋଗ ଦେଇ କ୍ଲବର କାର୍ଯ୍ୟକୁ ଭୂୟସୀ ପ୍ରସଂସା କରିଥିଲେ । କାର୍ଯ୍ୟକ୍ରମକୁ ଦୀପକ କୁମାର ସାହୁ, ଅଶୋକ ମହାନ୍ତି, ସତ୍ୟବ୍ରତ ଜେନା, ସୁରେଶ ଦାସ, ଲକ୍ଷ୍ମିଧର ହାଁସଦା, ଅଂଶୁମାନ ରାଉତ, ନନ୍ଦନ ଦତ୍ତ, ବିକାଶ ଧର, ଦିପ୍ତିରାଣୀ ନନ୍ଦି, ମାନସ ମହାନ୍ତି, ଲେଲିନ୍ କୁମାର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ପ୍ରବୀର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଶିକ୍ଷକ ପୁରସ୍କାର ସୁପାରିଶରେ ପାତରଅନ୍ତର ଅଭିଯୋଗ

ବାଲେଶ୍ୱର,୧୯/୦୭ (ନି.ପ୍ର): ରାଜ୍ୟସ୍ତରୀୟ ମାଧ୍ୟମିକ ଶିକ୍ଷକ ପୁରସ୍କାର ପାଇଁ ପ୍ରାର୍ଥୀ ସୁପାରିସ ଧାରାକୁ ନେଇ ଜିଲା ଶିକ୍ଷା ବିଭାଗରେ ବିବାଦୀୟ ସ୍ଥିତି ପରିଲକ୍ଷିତ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରତ୍ୟେକ ଜିଲାରୁ ଶ୍ରେଷ୍ଠ ଶିକ୍ଷକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ମାତ୍ର ବାଲେଶ୍ୱର ଜିଲାରେ ଯୋଗ୍ୟ ଶିକ୍ଷକଙ୍କ ନାମ ସୁପାରିସରେ ପାତରଅନ୍ତର ନୀତି ଗ୍ରହଣ କରାଯାଇଥିବା ଅଭିଯୋଗ ଉଠାଇଛନ୍ତି ମିଶନ ଗାର୍ଲସ ହାଇସ୍କୁଲର ସହକାରୀ ଶିକ୍ଷକ ଦେବେନ୍ଦ୍ର କୁମାର ମହାନ୍ତି । ଜିଲା ଶିକ୍ଷା ବିଭାଗର ବିଜ୍ଞପ୍ତି ଆଧାରେ ଶ୍ରୀ ମହାନ୍ତିଙ୍କ ସମେତ ଜିଲାର ୧୨ ଜଣ ଏହି ପୁରସ୍କାର ପାଇଁ ନିଜର ଶିକ୍ଷତା ଦକ୍ଷତା ପ୍ରମାଣପତ୍ର ସହ ଆବେଦନ କରିଥିଲେ । ମାତ୍ର ଜିଲା ଶିକ୍ଷା ବିଭାଗ ଶ୍ରୀ ମହାନ୍ତିଙ୍କ ନାମକୁ ତାଲିକାଭୁକ୍ତ ନ କରିବା ଯୋଗୁଁ ସେ ଏହାର କାରଣ ସମ୍ପର୍କରେ ସୋମବାର ଅପରାହ୍ଣରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ (ଏଡିଇଓ) ପବିତ୍ର ମୋହନ ବାରିକଙ୍କୁ ପଚାରିଥିଲେ । ମାତ୍ର ଏଡିଇଓ ଶ୍ରୀ ବାରିକ ତାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ସେ ଅଭିଯୋଗ ଆଣିବା ସହ ଆଗାମୀ ଦିନରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ତେବେ ଏ ସମ୍ପର୍କରେ ଏଡିଇଓ ଶ୍ରୀ ବାରିକଙ୍କୁ ପଚାରିବାରୁ ସରକାରୀ ମାର୍ଗଦର୍ଶିକା ଅନୁସାରେ ଶିକ୍ଷକ ସୁପାରିସ କାର୍ଯ୍ୟ କରାଯାଉଥିବା ସେ ସୂଚନା ଦେଇଛନ୍ତି । ଜିଲା ଶିକ୍ଷାଧିକାରୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ଷମ ଜିଲାସ୍ତରୀୟ କମିଟିର ନିଷ୍ପତ୍ତି ଅନୁସାରେ ସବୁକିଛି ହେଉଥିବା ବେଳେ ଅକ୍ରୋଶମୂଳକ ଭାବେ କାହାକୁ ଦୋଷାରୋପ କରିବା ଉଚିତ ନୁହେ ବୋଲି ସେ କହିଛନ୍ତି ।

ରାସ୍ତା ସାଜିଛି ମରଣ ଯନ୍ତା : ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ

ବସ୍ତା, ୧୯/୦୭ (ନି.ପ୍ର): ଜିଲ୍ଲା ବସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ଭେଲୋରା - ସିଂଲା, ଭାୟା ପାଉଁଶକୁଲି ରାସ୍ତା ସାଜିଛି ମରଣ ଜନ୍ତା । ଉକ୍ତ ରାସ୍ତା ଟି ଭେଲୋରା ୬୦ ନମ୍ବର ଜାତୀୟ ରାଜପଥ ଠାରୁ ସିଂଲା ଛକ କୁ ସଂଯୋଗ କରିଛି । ତେବେ ପାଉଁଶକୁଲି ପଞ୍ଚାୟତ ଅଫିସ୍ ଠାରୁ ମାଣିକ ପୁରା, ଉଜୁଡା, କାଣ୍ଡଗାଁଆ ପର୍ଯ୍ୟନ୍ତ ତିନି କିମି ରାସ୍ତାରେ, ପ୍ରାୟ ୩୦୦ ରୁ ଅଧିକ ଛୋଟ ବଡ ଗାଡିଆ ଓ ଅସଂଖ୍ୟ, ଖାଲ ଖମା ସୃଷ୍ଟି ହୋଇଛି । ସେହିପରି ଗିଲାଯୋଡି, ଆମ୍ବକୁଡୁଚି ଓ ସିଂଲା ମେଡିକାଲ ରୋଡ ରାସ୍ତାର ଅବସ୍ଥା ମଧ୍ୟ ସମାନ ବ୍ୟବସ୍ଥା । ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଏକ ସପ୍ତାହ ପର୍ଯ୍ୟନ୍ତ ପାଣି ଛିଡା ହୋଇ ଜଳାଶୟ ର ଭ୍ରମ ସୃଷ୍ଟି କରୁଛି । ପାଣି ଜମି ରହିଥିବାରୁ ଅସ୍ୱାସ୍ଥ୍ୟ କର ପରିବେଶ ସୃଷ୍ଟି ହେବା ସହିତ, ପାଣି ଭିତରେ ଥିବା ଅଦୃଶ୍ୟ ଖାଲ ଖାମା ରେ ପଡି ଛାତ୍ର ଛାତ୍ରୀ , ସାଇକେଲ ଚାଳକ, ବାଇକ ଆରୋହୀ ଦୁର୍ଘଟଣାର ସ୍ୱୀକାର ହେଉଛନ୍ତି । ଏହି ରାସ୍ତା ଦେଇ ଦୈନିକ ଯାତ୍ରୀ ବାହି ବସ , ଆମ୍ବୁଲାନ୍ସ, ପୋଲିସ ଭ୍ୟାନ, ଟ୍ରକ୍, ଟ୍ରାକ୍ଟର, ଡମ୍ପର, ସ୍କୁଲ କଲେଜ ଛାତ୍ର ଛାତ୍ରୀ ସହିତ, ବସ୍ତା, ବାଲିଆପାଳ, ଜଳେଶ୍ୱର ବ୍ଲକର ଲୋକେ ନିର୍ଭର କରିଥାନ୍ତି । ଏହା ଏକ ବ୍ୟସ୍ତ ବହୁଳ ରାସ୍ତା ହୋଇଥିବା ବେଳେ, ରାସ୍ତା ଖରାପ ଥିବାରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ପାଇଁ ବିଳମ୍ବ ହୋଇଥାଏ । ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତାର ମରାମତି କିମ୍ବା ଉନ୍ନତି କରଣ ଉପରେ ଧ୍ୟାନ ନଦେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଥିବାରୁ, ସାଧାରଣରେ ତେଲୁଛି ଜନ ଅସନ୍ତୋଷ । ଅନ୍ୟପଟେ ଅନାବଶ୍ୟକ ଭାବେ ,ଅନେକ ସ୍ଥାନରେ ଭଲ ରାସ୍ତାଥାଇ ବି ରାସ୍ତା ଉପରେ ରାସ୍ତା ନିର୍ମାଣ କରି, ରାଜ୍ୟ ରାଜକୋଷରୁ ଅର୍ଥ ସାରି ଠିକାଦାରଙ୍କୁ ଖୁସି କରାଯାଉଛି ବୋଲି ଅଭିଯୋଗ ହେଉଛି । ଯାହାକୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ୱଚ୍ଛତା ଓ ନିଷ୍ପରତା ଉପରେ ପ୍ରଶ୍ନବାଚି । ତୁରନ୍ତ ଜିଲ୍ଲା ପ୍ରଶାସନ, ବିଭାଗୀୟ ଉଚ୍ଚ କର୍ତ୍ତୃ ପକ୍ଷ ଏଥି ପ୍ରତି ଧ୍ୟାନ ଦେଇ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଅଞ୍ଚଳ ବାସି ଦାବି କରିଛନ୍ତି ।

ଏମ୍‌କେସି ହାଇସ୍କୁଲର ମ୍ୟାଟ୍ରିକ୍ ପରୀକ୍ଷାର ଶ୍ରେଷ୍ଠ ଛାତ୍ରୀ ପାଇବେ ଦଶହଜାର ଟଙ୍କାର ପୁରସ୍କାର

ଭୁବନେଶ୍ୱର,୧୯/୦୭ (ନି.ପ୍ର): ୨୦୨୩ ମହିସାରୁ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଙ୍କୁ ଅନୀତା ମେମୋରିଆର ଭଞ୍ଜଭୂମି ପୁରସ୍କାର ଅଧିନରେ ଦଶହଜାର ଟଙ୍କାର ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ, ଏହି ମର୍ମରେ ଏକ ଚୁକ୍ତିନାମା ବିଦ୍ୟାଳୟର ପ୍ରାକ୍ତନ କୃତୀ ଛାତ୍ର ଇଂ ମାନସ ରଞ୍ଜନ ଷଡଙ୍ଗୀ (୧୯୭୧ ବ୍ୟାଚ୍) ଓ ବିଦ୍ୟାଳୟର କୃତପକ୍ଷଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଛି । ଶ୍ରୀଯୁକ୍ତ ଷଡଙ୍ଗୀ ନିଜର ଦିବଂଗତ ପତ୍ନୀଙ୍କ ସ୍ମୃତିରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ । ସଂଯୋଜକ ଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଛାତ୍ର ତିମିର କୁମାର ଯୋଷ, ମନୋଜ କୁମାର ପରିଡା, ଶିକ୍ଷକ ଅମୂଲ୍ୟ କୁମ୍ଭକାର, ପ୍ରଦୀପ କୁମାର ଦଣ୍ଡପାଟ, ଉପେନ୍ଦ୍ରନାଥ ବେହେରା, ଶିକ୍ଷୟିତ୍ରୀ ଫରହା ସୁରୁର ଉପସ୍ଥିତ ଥିଲେ । ଏହି ପୁରସ୍କାର ରାଶି ଘୋଷଣା ଫଳରେ ବିଦ୍ୟାଳୟର ଛାତ୍ରୀମାନଙ୍କ ମହଲରେ ଖୁସିର ଲହରି ଖେଳିଯିବା ସହ ଅଭିଭାବକଗଣ ଶ୍ରୀଯୁକ୍ତ ଷଡଙ୍ଗୀଙ୍କୁ ଏହି ମହନୀୟ କାର୍ଯ୍ୟକ୍ରମ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଶିକ୍ଷୟିତ୍ରୀ କୁମୁଦିନୀ ସି ଧନ୍ୟବାଦ ଅର୍ପଣ କରିଥିଲେ ।

ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ବ୍ୟାଙ୍କ ଜାତୀୟକରଣ ଦିବସ

ବାଲେଶ୍ୱର,୧୮/୦୭ (ନି.ପ୍ର): ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ବ୍ୟାଙ୍କ ଜାତୀୟକରଣ ଦିବସ ସୋମବାର ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସଦର ବ୍ଲକ ଅନ୍ତର୍ଗତ ଆକିନିଆସ୍ଥିତ ଆନନ୍ଦ ମାର୍ଗ ଆବାସିକ ବିଦ୍ୟାଳୟ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଂଘର ସଭାପତି ଉପେନ୍ଦ୍ର ନାରାୟଣ ବିଶ୍ୱାଳ ସଭାପତିତ୍ୱ କରିଥିଲେ । ସମାଜସେବୀ ଡ. ଭାସ୍କର ଚନ୍ଦ୍ର ଜେନା, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ଉପ-ସଭାପତି ଅମରନାଥ ସେଠୀ, ରହିମୋହନ ମଲିକ, ସମ୍ପାଦକ ଶରତ ଚନ୍ଦ୍ର ପଣ୍ଡା, ସାଂଗଠନିକ ସମ୍ପାଦକ ନିରଞ୍ଜନ ପଣ୍ଡା, ପ୍ରଫୁଲ୍ଲ ରାଉତ, ଉତ୍ତମ ଦାସ ପ୍ରମୁଖ ଏଥିରେ ଯୋଗଦେଇ ବ୍ୟାଙ୍କ ଜାତୀୟକରଣ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ ।ଏଥି ସହିତ ସାମାଜର ଦୁଃସ୍ଥ ବର୍ଗଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ସବୁ ମହଲରୁ ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ । ବିଶେଷ କରି ଆନନ୍ଦମାର୍ଗ ବିଦ୍ୟାଳୟ ଭଳି ଆବାସିକ ସ୍କୁଲମାନଙ୍କରେ ପଢୁଥିବା ଅସହାୟ ଛାତ୍ରଛାତ୍ରୀଙ୍କୁ ସହଯୋଗର ହାତ ବଢ଼ାଇବା ଓ ସେମାନଙ୍କ ସହ କିଛି ସମୟ ବିତାଇ ପାରିଲେ ପରିବାରଠାରୁ ଦୂରରେ ରହିବାର ଦୁଃଖ ସେମାନଙ୍କର ବହୁମାତ୍ରାରେ ଲାଘବ ହୋଇପାରିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ସଭା ପରେ ବିଦ୍ୟାଳୟ ପରିସରରେ ଫଳ ଓ ଔଷଧୀୟ ବୃକ୍ଷଚାରା ରୋପଣ କରାଯାଇଥିଲା । ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ମିଶି ମଧ୍ୟାହ୍ନ ଭୋଜନ କରିଥିଲେ ।

ଗୋଟିଏ ଦିନରେ ୯୪୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୯/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୯୪୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୦୦୮୭୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୧୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୮୫୩୭୪ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୩୧୬ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୫୫୩ ଜଣ ସଂଗରୋଧରୁ ଓ ୩୯୨ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୨, ବାଲେଶ୍ୱର ଜିଲ୍ଲାରେ ୫, ବରଗଡ ଜିଲ୍ଲାରେ ୯, ଭଦ୍ରକ ଜିଲ୍ଲାରେ ୬, ବଲାଙ୍ଗୀର ଜିଲ୍ଲାରେ ୧୨, ବୌଦ୍ଧ ଜିଲ୍ଲାରେ ୧୨, କଟକ ଜିଲ୍ଲାରେ ୭୫. ଦେବଗଡ, ଜିଲ୍ଲାରେ ୩, ଢେଙ୍କାନାଳ ଜିଲ୍ଲାରେ ୨ ଗଜପତି ଜିଲ୍ଲାରେ ୯, ଗଂଜାମ ଜଲ୍ଲାରେ ୪, ଜଗତସିଂହପୁର ଜିଲ୍ଲାରେ ୧୪, ଯାଜପୁର ଜିଲ୍ଲାରେ ୧୩, ଝାରସୁଗୁଡା ଜିଲ୍ଲାରେ ୧୪ . କଳାହାଣ୍ଡି ଜିଲ୍ଲାରେ ୧୮, କନ୍ଧମାଳ ଜିଲ୍ଲାରେ ୪, କେନ୍ଦ୍ରାପଡା ଜିଲ୍ଲାରେ ୨, ଖୋର୍ଧା ଜିଲ୍ଲାରେ ୩୭୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୬, ମୟୂରଭଂଜ ଜିଲ୍ଲାରେ ୩୨, ନୟାଗଡ ଜିଲ୍ଲାରେ ୨୭, ନୂଆପଡା ଜିଲ୍ଲାରେ ୭, ପୁରୀ ଜିଲ୍ଲାରେ ୨୦, ରାୟଗଡା ଜିଲ୍ଲାରେ ୧୫, ସମ୍ବଲପୁର ଜିଲ୍ଲାରେ ୫୩, ସୋନପୁର ଜିଲ୍ଲାରେ ୩୭, ସୁନ୍ଦରଗଡ ଜିଲ୍ଲାରେ ୧୦୩ ଓ ଷ୍ଟେଟ ପୁଲରେ ୭୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୨ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

ବାଙ୍ଗିରିପୋଷି ଘାଟିରେ ବାରମ୍ବାର ଦୁର୍ଘଟଣାର ଉଚ୍ଚସ୍ତରୀୟ ସମୀକ୍ଷା

ଭୁବନେଶ୍ୱର,୧୯/୦୭ (ନି.ପ୍ର): ବାଙ୍ଗିରିପୋଷି ଘାଟିରେ ବାରମ୍ବାର ଦୁର୍ଘଟଣା ରୋକିବା ପାଇଁ ବାଙ୍ଗିରିପୋଷି-ଭୂଆଷୁଣୀ, ଭୂଆଷୁଣୀ-ଲମୁଣ୍ଡାକଟା, ବାଲିଡିହ-ଭୂଆଷୁଣୀ ଏବଂ ଶଙ୍ଖଭଙ୍ଗା-ବିଷୋଇ ରାସ୍ତାର ଉନ୍ନତିକରଣ ତଥା ଗମନାଗମନ ପାଇଁ ଉପଯୁକ୍ତ ରକ୍ଷଣାବେକ୍ଷଣ ବ୍ୟବସ୍ଥା ନିମନ୍ତେ ପଦକ୍ଷେପ ନିଆଯିବ । ଗମନାଗମନର ସୁବିଧା ତଥା ଦୁର୍ଘଟଣା ହ୍ରାସ ନିମନ୍ତେ ବାଲିଡିହ-ଭୂଆଷୁଣୀ ରାସ୍ତା ଉପରେ ଏକ ହାଇଲେଭଲ ବ୍ରିଜ ନିର୍ମାଣ ନିମନ୍ତେ ଏକ ବୈଷୟିକ କମିଟି ଗଠନ କରାଯାଇଛି । ଏଥିରେ ତଥ୍ୟଗତ ସହାୟତା ପାଇଁ ଏନ୍‌ଏଚ୍ ର ଅଧିକାରୀ ତଥା ବିଧାୟକଙ୍କୁ ମଧ୍ୟ ସାମିଲ କରାଯାଇଛି । ମଙ୍ଗଳବାର ଲୋକସେବା ଭବନର ପୂର୍ତ୍ତମନ୍ତ୍ରୀଙ୍କ ପ୍ରକୋଷ୍ଠରେ ବାଙ୍ଗିରିପୋଷି ଘାଟିରେ ବାରମ୍ବାର ଦୁର୍ଘଟଣାର ଉଚ୍ଚସ୍ତରୀୟ ସମୀକ୍ଷା ହୋଇଛି । ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବାଙ୍ଗିରିପୋଷି ବିଧାୟକ ସୁଦାମ ମାର୍ଣ୍ଡି, ବିଶ୍ୱବ୍ୟାଙ୍କର ମୁଖ୍ୟଯନ୍ତ୍ରୀ, ଜାତୀୟ ରାଜପଥ କର୍ତ୍ତୃପକ୍ଷର ଉଚ୍ଚପଦାଧିକାରୀ, ମୁଖ୍ୟଯନ୍ତ୍ରୀ, ସିଭିଲ, ଅଧିକ୍ଷଣ ଯନ୍ତ୍ରୀ, ବାରିପଦାଙ୍କ ଉପସ୍ଥିତିରେ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ୪୯ ନଂ ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିରେ ବାରମ୍ବାର ଦୁର୍ଘଟଣାର ନିରାକରଣ ନିମନ୍ତେ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ରାଜ୍ୟ କ୍ୟାବିନେଟ....

ଲକ୍ଷ୍ୟରେ ଏହି ନିଷ୍ପତି ନିଆ ଯାଇଛି । ସେହିଭଳି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ - ଜଳ ଜୀବନ ମିଶନ'କୁ କ୍ୟାବିନେଟ୍ ଅନୁମୋଦନ ଦେଇଛି । ୨୪ ମାସ ମଧ୍ୟ କାମ ସାରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ସେହିଭଳି ଓଡିଶା ଡିପ୍ଲୋମା ଯାନ୍ତ୍ରିକ ସେବା(ନିଯୁକ୍ତ ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନୟମାବଳୀ-୨୦୧୨ ରୁ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି । ନଦୀ ଗର୍ଭରେ ସୀମିତ ଜଳ ସଂରକ୍ଷଣ ଆନିକଟ ନିର୍ମାଣ ପ୍ରକ୍ରିୟା ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି । ପ୍ରକଳ୍ପ ନିର୍ମାଣ ପାଇଁ ୧୪୯ କୋଟି ୬୦ ଲକ୍ଷ ବ୍ୟତୀତ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣବକ୍ଷଣ ପାଇଁ ୨ କୋଟି ୫୦ ଲକ୍ଷ ଟଙ୍କା ଟେଣ୍ଡରକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ପ୍ରଦାନ କରାଯାଇଛି । ଏହାକୁ ୩୬ ମାସ ମଧ୍ୟ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରହିଛି । ସେହିପରି ଖୋର୍ଦ୍ଧା ଜିଲ୍ଲା

ବାଲେଶ୍ୱର, ବୁଧବାର, ୨୦ ଜୁଲାଇ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

୨୧ରେ ଇଡି ଅଫିସ୍ ଘେରିବ କଂଗ୍ରେସ

ଭୁବନେଶ୍ୱର,୧୯/୦୭ (ନି.ପ୍ର): ସୋନିଆ ଗାନ୍ଧିଙ୍କୁ ଇଡିର ଦ୍ୱିତୀୟ ସମନର ପ୍ରତିବାଦରେ ଆସନ୍ତା ୨୧ ତାରିଖରେ ଇଡି ଅଫିସ ଘେରାଉ କରିବ କଂଗ୍ରେସ। ୨୧ ତାରିଖରେ କଂଗ୍ରେସ କାର୍ଯ୍ୟକର୍ତା ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରୁ ପଦଯାତ୍ରାରେ ବାହାରି ଇଡି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ। ସେହିପରି ୨୨ରେ ସବୁ ଜିଲ୍ଲା ମୁଖ୍ୟାଳୟରେ ପ୍ରତିକାତ୍ମକ ପ୍ରତିବାଦ କରାଯିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ମଙ୍ଗଳବାର ସୂଚନା ଦେଇଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ବିରୋଧିଙ୍କ ସ୍ୱର ଚପାଇଦେବାକୁ ସେମାନଙ୍କ ବିରୋଧରେ ସି.ବି.ଆଇ.,ଇ.ଡ଼ି. ଓ ଆଇ.ଟି. ଭଳି ସଂସ୍ଥାମାନଙ୍କୁ ଲଗାଇ ଯାବତୀୟ ନିର୍ଯ୍ୟାତନା ଦେଉଛନ୍ତି। ଅନେକ କ୍ଷେତ୍ରରେ ରାତି ଅଧରେ ବିରୋଧି ପ୍ରମୁଖ ନେତାଙ୍କ ଘର ଉପରେ ଚଢ଼ଉ କରି ଗିରଫ କରୁଛନ୍ତି। କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଓ ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ଇ.ଡ଼ିର ଡାକରା ଦମନ ରାଜନୀତିର ସର୍ବୋତମ ଉଦାହରଣ। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ପାଂଚ ପାଂଚ ଥର ଇ.ଡ଼ି. ଡାକିଥିଲେ ଓ ଦେଶବ୍ୟାପୀ କଂଗ୍ରେସ ଏହାର ପ୍ରତିବାଦ କରିଥିଲା। ପୁନଃର୍ବାର ଆସନ୍ତା ୨୧ ତାରିଖରେ ସୋନିଆ ଗାନ୍ଧୀଙ୍କୁ ମଧ୍ୟ ସମନଜାରୀ କରାଯାଇଛି। ଶ୍ରୀମତୀ ଗାନ୍ଧୀ ସେହିଦିନ ହାଜର ହେବାକୁ ନିଷ୍ପତି ମଧ୍ୟ ନେଇଛନ୍ତି। ସଂଖ୍ୟା ବଳରେ ଅନ୍ଧ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଂଗ୍ରେସ ଉପରେ ଜୁଲମ୍ କରିଚାଲିଛନ୍ତି। କଂଗ୍ରେସ ଏହି ହିଟଲରୀ ଶାସନକୁ ବରଦାସ୍ତ କରିବ ନାହିଁ। ସୋନିଆ ଗାନ୍ଧୀଙ୍କୁ ନିଶାନା କରିବା ହେଉଛି ଗଣତନ୍ତ୍ରରେ ବିରୋଧିର ସ୍ୱରକୁ ଦମନ କରିବା ବୋଲି ଶ୍ରୀ ପଟ୍ଟନାୟକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସୁତରାଂ ଗଣତନ୍ତ୍ର ସୁରକ୍ଷା ଓ ବିରୋଧିଙ୍କ ସାମ୍ବିଧାନିକ ଅଧିକାର ସୁରକ୍ଷା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ତରଫରୁ ଜୁଲାଇ ୨୧ ତାରିଖରେ କଂଗ୍ରେସ ଭବନରୁ ଇ.ଡ଼ି ଅଫିସ୍ ଅଭିଯାନ ଆନ୍ଦୋଳନ ପାଇଁ ନିଷ୍ପତି ନିଆଯାଇଛି। ସେହିପରି ଜୁଲାଇ ୨୨ ତାରିଖରେ ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାରେ ଜିଲ୍ଲା କଂଗ୍ରେସ ତରଫରୁ ଗଣବିକ୍ଷୋଭ ନିମନ୍ତେ ସିଦ୍ଧାନ୍ତ ହୋଇଛି।

କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ଆବଂଟିତ ଅର୍ଥର ଖର୍ଚ୍ଚର ଅଗ୍ରଗତି ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ଭୁବନେଶ୍ୱର,୧୯/୦୭ (ନି.ପ୍ର): ୨୦୨୨-୨୩ ଆର୍ଥିକ ବର୍ଷରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ବିଭିନ୍ନ ଯୋଜନାରେ ଆବଣ୍ଟିତ ଅର୍ଥର ପ୍ରଥମ ତ୍ରୈମାସିକ ଖର୍ଚ୍ଚ ଓ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କୃଷି ଭବନଠାରେ ଅନୁଷ୍ଠିତ ବୈଠକରେ କୃଷି ଓ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ବିଭିନ୍ନ ଯୋଜନା ନିମନ୍ତେ ବଜେଟ୍ ର ଆବଂଟିତ ଅର୍ଥର ଠିକ୍ ସମୟରେ ଉଦ୍ଦିଷ୍ଟ ଯୋଜନାରେ ବିନିଯୋଗ କରି କୃଷି ଉତ୍ପାଦନ ବୃଦ୍ଧି ସହିତ ଯୋଜନାର ସୁଫଳ ହିତାଧିକାରୀଙ୍କ ନିକଟରେ ପହଂଚାଇବା ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ବିଭିନ୍ନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକୁ ଅଗ୍ରାଧିକାର ଭିତିରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଗଲା। ବୈଠକରେ ସମନ୍ୱିତ କୃଷି, ଭୂତଳ ଜଳର ବ୍ୟବହାର, କୃଷି ଯାନ୍ତ୍ରିକୀକରଣ, ଚାଷରେ ବିବିଧିକରଣ ଆଣି ଅଣଧାନ ଫସଲ, ଡାଲି, ତୈଳବୀଜ, କପା, ଝୋଟ ଆଦି ଚାଷକୁ ପ୍ରୋତ୍ସାହନ ଦେବା ନିମନ୍ତେ ଯୋଜନାର ଖର୍ଚ୍ଚକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କୃଷିରେ ମହିଳାମାନଙ୍କ ଭାଗୀଦାରିତା ବୃଦ୍ଧି ନିମନ୍ତେ ବିଭିନ୍ନ ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସାମିଲ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ଏଥି ସହିତ ବୈଠକରେ ଫଳ, ପନିପରିବା, ମସଲା ଚାଷ ସମେତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଜଳନିଧି, ରିଓ୍ୱାର୍ଡ, ପରମ୍ପରାଗତ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ମିଲେଟ୍ ମିଶନ, ଫସଲ ଅମଳ ପରବର୍ତୀ ପରିଚାଳନା ଏବଂ ବିକ୍ରିବଟା, ଚାଷୀଙ୍କୁ ରିହାତି ପ୍ରଦାନ ଆଦିରେ ପ୍ରଥମ ତ୍ରୈମାସିକରେ ହୋଇଥିବା ଖର୍ଚ୍ଚ ସଂପର୍କରେ ବିଶଦ ଭାବେ ଆଲୋଚନା ହୋଇଥିଲା। ଏତଦ୍ ବ୍ୟତୀତ ପଣସ ମିଶନ, ଛତୁ ମିଶନ, ଫୁଲ ମିଶନ ଓ ମସଲା ମିଶନର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସଂଜୀବ ଚୋପ୍ରା, ସ୍ୱତନ୍ତ୍ର ସଚିବ ସଂଜୀବ କୁମାର ଚଢ଼ା, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

ରେଳ ଜାଗା ଖାଲି କରିବା ନୋଟିସକୁ ନେଇ ଛାନିଆଁ

ପ୍ରଶାସନଠାରେ ଶୋଭାରାମପୁର ବସ୍ତିବାସିନ୍ଦାଙ୍କ ଫେରାଦ

ବାଲେଶ୍ୱର,୧୯/୦୭ (ନି.ପ୍ର): ଗୋଧିବସା ପରେ ଶୋଭାରାମପୁର ଅଞ୍ଚଳରେ ରେଳଜାଗାରୁ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ ପାଇଁ ରେଳ ବିଭାଗର ଜାରି ନୋଟିସକୁ ନେଇ ସ୍ଥାନୀୟ ବାସିନ୍ଦା ମଙ୍ଗଳବାର ଅତିରିକ୍ତ ଜିଲାପାଳଙ୍କଠାରେ ଆପତ୍ତି କରିଛନ୍ତି। ନୀଳଗିରିକୁ ଯାତ୍ରୀବାହୀ ଟ୍ରେନ ଚଳାଚଳ ପାଇଁ ରେଲଲାଇନ ସଂପ୍ରସାରଣ ନିମନ୍ତେ ଶୋଭାରାମପୁରର ଚୂଡ଼ାକୁଟା ସାହିରୁ ସମଲପୁର ପର୍ଯ୍ୟନ୍ତ ରେଲଧାରଣା ପାର୍ଶ୍ୱକୁ ଖାଲି କରିବାକୁ ନୋଟିସ ଦିଆଯାଇଥିବା ଭୂମିହୀନ ପରିବାର ସୂଚନା ଦେଇଛନ୍ତି। ୧୫ ଦିନ ମଧ୍ୟରେ ରେଲଧାରଣା ପାର୍ଶ୍ୱ ଖାଲି ନ କଲେ ସେମାନଙ୍କୁ ଉଚ୍ଛେଦ କରାଯିବ ବୋଲି ନୋଟିସରେ ନିର୍ଦ୍ଦେଶ ଦିଆଯାଇଥିବା ସେମାନେ କହିଛନ୍ତି। ଚୂଡ଼ାକୁଟା ସାହିରୁ ସମଲପୁର ପର୍ଯ୍ୟନ୍ତ ପାଖାପାଖି ୨୦୦ରୁ ଅଧିକ ଭୂମିହୀନ ପରିବାର ଦୀଘବର୍ଷ ଧରି ସ୍ଥାୟୀ ଭାବେ ବସବାସ କରି ଆସୁଛନ୍ତି। ଏଥିରୁ ଅଧିକାଂଶ ପରିବାର ଜାଗାମିଶନ ଜରିଆରେ ଭୂ-ଅଧିକାର ପ୍ରମାଣପତ୍ର ପାଇଥିବା ବେଳେ କିଛି ପରିବାର ଆବାସ ଯୋଜନାରେ ଘର ମଧ୍ୟ ନିର୍ମାଣ କରିଛନ୍ତି। ଆଉ କିଛି ପରିବାର ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବି ପାଇଛନ୍ତି। ଏଭଳି ସ୍ଥିତିରେ ହଠାତ ଉଚ୍ଛେଦ କରାଗଲେ ସେମାନେ କେଉଁଠିକୁ ଯିବେ ବୋଲି ବସ୍ତି ପରିବାର ପ୍ରଶ୍ନ କରଇଛନ୍ତି। ତୁରନ୍ତ ସେମାନଙ୍କୁ ଜାଗା ପ୍ରଦାନ ସହ ଗୃହ ନିର୍ମାଣ ପାଇଁ ଉଚିତ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲ୍ଲାପାଳଙ୍କଠାରେ ଗୁହାରୀ କରିଛନ୍ତି ବସ୍ତିବାସିନ୍ଦା। ବିଜେପି ନେତା ମାନସ ଦତ୍ତ ଓ ପୌରପାଳିକାର ୨୦ ନଂ ୱାର୍ଡ଼ କାଉନସିଲର ନିରୂପମା ଦାଶଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଅତିରିକ୍ତି ଜିଲାପାଳଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଠବ ହେମ୍ରମ, ସୁମତୀ ବେହେରା, ମନୋରମା ପାତ୍ର, ସଂଯୁକ୍ତା ପାତ୍ର, ସୁନୀତା ସାହୁ, ପ୍ରଦୀପ କୁମାର ଦାସ, ପୁଷ୍ପଲତା ପାତ୍ର, ସଂଯୁକ୍ତା କିସ୍କୁ, ଦୁର୍ଗା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ବାଲେଶ୍ୱର ରେଳ ଷ୍ଟେସନ ସମ୍ପ୍ରସାରଣ ପାଇଁ ପୂର୍ବରୁ ଗୋଧିବସା ବସ୍ତି ବାସିନ୍ଦାଙ୍କୁ ରେଳ ଜାଗା ଖାଲି କରିବାକୁ ନୋଟିସ ହୋଇଥିଲା। ମାତ୍ର ତାହା ଅଦ୍ୟାବଧି ଖାଲି ହୋଇ ନଥିବା ବେଳେ ପୌରପାଳିକା ପକ୍ଷରୁ ବସ୍ତି ବାସିନ୍ଦାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ମଧ୍ୟ କରାଯାଇ ନାହିଁ।

ଭଦ୍ରକ ଜିଲ୍ଲାପାଳଙ୍କ ତୁରନ୍ତ ପଦକ୍ଷେପ

ଭଦ୍ରକ,୧୯/୦୭ (ନି.ପ୍ର): ଅପର୍ଦ୍ଧବିନ୍ଧା ନିଉ କଲୋନୀ ଡ୍ରେନ ଅଧପନ୍ତରିଆ ଅବସ୍ଥାରେ ପଡ଼ିଥିବାରୁ ଅନ୍ଧାର ରାତିରେ ବହୁ ପିଲା ଡ୍ରେନରେ ଖସି ଖଣ୍ଡିଆ ଖାବରା ହୋଇଥିବାରୁ ଆଜି ପୂର୍ବାହ୍ନରେ ହରମୋହନ ଜେନାଙ୍କ ନେତୃତ୍ୱରେ ୫ଜଣ ବରିଷ୍ଠ ନାଗରିକ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆପତ୍ତି କରିବାରୁ କିପରି ଡ୍ରେନ୍‌ଟି ଶୀଘ୍ର ସମାପ୍ତ ହେବ, ତା'ଉପରେ ଆଲୋଚନା କରିଥିଲେ। ଅପରାହ୍ନରେ ଜିଲ୍ଲାପାଳ ସ୍ଥାନୀୟ ତହସିଲଦାର ଓ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମତେ ପୌରପାଳିକା ଯନ୍ତ୍ରୀ, ଡ୍ରେନେଜ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ସରଜମିନ ତଦନ୍ତ ପାଇଁ ପଠାଇଥିଲେ। ସ୍ଥାନୀୟ ପୂର୍ବତନ କାଉନ୍‌ସିଲର ପ୍ରଣୟ ଦାସ, ବିଷ୍ଣୁ ମହାପାତ୍ର, ସଞ୍ଜିବ ମହାନ୍ତି, ସମେତ କିଛି ବରିଷ୍ଠ ନାଗରିକ ସେମାନଙ୍କୁ ଡ୍ରେନ ଆରମ୍ଭ ଷ୍ଟେଟ୍ ବ୍ୟାଙ୍କ ଠରୁ ଆରମ୍ଭ କରି ଡ୍ରେନ ଶେଷ ସାଳନ୍ଦୀ ଘାଟ ପର୍ଯ୍ୟନ୍ତ ବୁଲାଇ ଦେଖାଇଥିଲେ ଓ ନିମ୍ନମାନର କାର୍ଯ୍ୟ ହେଉଛି ବୋଲି ଅଭିଯୋଗ କରିଥିଲେ। ସେମାନେ ଜିଲ୍ଲାପାଳଙ୍କୁ ଆଜି ରାତିରେ ସମସ୍ତ ଘଟଣା କହିବେ ବୋଲି ପ୍ରତିଶ୍ରୁତି ଦେବା ପରେ ନିଉ କଲୋନୀ ଲୋକ ଆଶ୍ୱସ୍ତ ହୋଇଥିଲେ। ଖରା ଦିନେ କାମ ନକରି ବର୍ଷା ଦିନେ କାମ କରିବାରୁ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେଇଥିବାରୁ ସମସ୍ତେ ସାଧୁବାଦ ଜଣାଇଛନ୍ତି। ଡ୍ରେନ୍‌ଟି ଶୀଘ୍ର ସମାପ୍ତ ହେବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଛନ୍ତି।

ବଡ ବ୍ଲକର ପୁନର୍ଗଠନ ପାଇଁ ବିଧାନସଭାରେ ଦାବି

ଭୁବନେଶ୍ୱର,୧୯/୦୭ (ନି.ପ୍ର): ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଅନେକ ବଡ ବଡ ବ୍ଲକ ରହିଛି। ଏହି କାରଣରୁ ଲୋକ ମାନଙ୍କୁ ଭାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଏପରି ବ୍ଲକ ଗୁଡିକର ପୁନର୍ଗଠନ କରିବା ଆବଶ୍ୟକ ବୋଲି ବିଧାନସଭାକେ ଉଭୟ ଶାସକ ଓ ବିରୋଧୀ ଦଳର ବିଧାୟକ ମାନେ ଦାବି କରିଥିଲେ। ପ୍ରଫୁଲ୍ଲ ସାମଲଙ୍କ ମୂଳ ପ୍ରଶ୍ନ ଓ ଅନ୍ୟ ସଭ୍ୟ ମାନଙ୍କ ଅତିରିକ୍ତ ପ୍ରଶ୍ନର ଉତରରେ ପଂଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଥିଲେ ଯେ ୨୦୨୧ ମସିହାରେ ଜନଗଣନା ହେବାର ଥିଲା । ମାତ୍ର କୌଣସି କାରଣରୁ ଏହା ହୋଇ ପାରି ନାହିଁ । ଜନଗଣନା ହେବା ପରେ ଏ ଦିଗରେ ପଦକ୍ଷେପ ନିଆ ଯିବ। ବଡଚଣା ଓ ଜଳେଶ୍ୱର ଭଳି ବ୍ଲକରେ ୫୦ -୫୦ ପଂଚାୟତ ରହିଛି । ଏତେ ସଂଖ୍ୟାରେ ପଂଚାୟତ ଗୋଟିଏ ବ୍ଲକରେ ଥିବାରୁ ସେଠାରେ ଲୋକ ମାନଙ୍କୁ ଖୁବ ହଇରାଣ ହେବାକୁ ପଡୁଛି । ସେହିପରି ରାଜ୍ୟରେ ଅନେକ ବ୍ଲକ ଏପରି ଅଛି ଯେଉଁ ଠାରେ ଖୁବ ଅଧିକ ସଂଖ୍ୟାରେ ପଂଚାୟତ ରହିଛି । ଲୋକ ମାନଙ୍କ ନିକଟକୁ ପ୍ରଶାସନକୁ ପହଂଚାଇବାକୁ ହେଲେ ଏହି ବଡ ବଡ ବ୍ଲକର ପୁନର୍ଗଠନ କରା ଯିବାର ଆବଶ୍ୟକତା ଅଛି ବୋଲି ବିଧାୟକ ମାନେ କହିଥିଲେ।

ଭାରତ ବିକାଶ ପରିଷଦର ଭଦ୍ରକରେ ସାଳନ୍ଦୀ ଶାଖା ଉଦ୍‌ଘାଟିତ

ଭଦ୍ରକ,୧୯/୦୭ (ନି.ପ୍ର): ଏକ ଅଣ ରାଜନୈତିକ ସାମାଜିକ ଅନୁଷ୍ଠାନ ଭାରତ ବିକାଶ ପରିଷଦର ଭଦ୍ରକ ଶାଖା 'ସାଳନ୍ଦୀ ଶାଖା' ନାମରେ ସଂସ୍କୃତି ଭବନରେ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଜାତୀୟ ସାଂଗଠନିକ ସମ୍ପାଦକ ସୁରେଶ ଜୈନ ଯୋଗ ଦେଇ କହିଲେ ଯେ, ଆମ୍ଭେମାନେ ସମସ୍ତେ ଆନ୍ତରିକତାର ସହ ସମାଜସେବା କଲେ ଦେଶ ସ୍ୱଚ୍ଛ ହେବା ସହିତ ପରିବେଶର ଉନ୍ନତି ହୋଇ ପାରିବ। ରାଜ୍ୟ ସମ୍ପାଦକ ପ୍ରଦିପ କୁମାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆଞ୍ଚଳିକ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଲକ୍ଷ୍ମଣ କୁମାର ମହାନ୍ତି (ସମର୍ପିତ), ଆଞ୍ଚଳିକ ସମ୍ପାଦକ ବସନ୍ତ କୁମାର ମିଶ୍ର ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ସଭାପତି ସତ୍ୟବାଦୀ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସାଳନ୍ଦୀ ଶାଖାର ସଭାପତି ଭାବରେ ଡାକ୍ତର ଦୁର୍ଯ୍ୟୋଧନ ଦାସ, ସମ୍ପାଦକ ଭାବେ ଗୋବର୍ଦ୍ଧନ ସାମଲ, ସଂଗଠନ ସମ୍ପାଦକ ଭାବରେ ହରମୋହନ ଜେନା, ଅର୍ଥ ସମ୍ପାଦକ ଭାବେ ବୈଲୋଚନ ବେହୁରିଆ ଶପଥ ପାଠ କରିଥିଲେ। ସମସ୍ତ ସଭ୍ୟ ଶପଥ ପାଠ କରିଥିଲେ ଯେ ଦେଶ ଗଠନରେ ପ୍ରତ୍ୟେକ କିଛି ଗଠନ ମୂଳକ କାର୍ଯ୍ୟ କରିବେ। ଅନ୍ୟମାନଙ୍କ ମଧ୍ୟରେ ଡ. ବଳରାମ ମିଶ୍ର, ଜଗନ୍ନାଥ ଦାଶଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ସାଳନ୍ଦୀ ଶାଖା ଏକ ବର୍ଷ ଭିତରେ କିପରି ରାଜ୍ୟର ୧ ନମ୍ବର ଶାଖା ହୋଇ ପାରିବ, ତାହା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

ବସଷ୍ଟାଣ୍ଡ ପରିସରରୁ ଦୋକାନ ଉଚ୍ଛେଦ ପାଇଁ ନୋଟିସ ଜାରି

ବାଲେଶ୍ୱର,୧୯/୦୭ (ନି.ପ୍ର): ବାଲେଶ୍ୱର ସହଦେବଖୁଣ୍ଟା ବସଷ୍ଟାଣ୍ଡ ନବୀକରଣ ପାଇଁ ପ୍ରଶାସନ ପକ୍ଷରୁ ଜାରି ଉଚ୍ଛେଦ ନୋଟିସ ବିରୋଧରେ ଜିଲାପାଳଙ୍କଠାରେ ମଙ୍ଗଳବାର ଫେରାଦ ହୋଇଛନ୍ତି ୫୨ରୁ ଊର୍ଦ୍ଧ୍ୱ ଦୋକାନୀ। ସେମାନଙ୍କ ଆପତ୍ତି ଅନୁସରେ ଦୀର୍ଘ ୨୫ ବର୍ଷ ଧରି ସେମାନ ବସଷ୍ଟାଣ୍ଡ ପରିସରରେ ବ୍ୟବସାୟ କରିଆସୁଛନ୍ତି। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସଆରଟିସି) ସହ ହୋଇଥିବା ଚୁକ୍ତି ଅନୁସାରେ ସେମାନେ ପ୍ରତିମାସ ସହଦେବଖୁଚଣ୍ଟା ମୋଟର୍ସ ଆସୋସିଏସନକୁ ଭଡ଼ା ଅର୍ଥ ମଧ୍ୟ ଦେଉଛନ୍ତି। ଏହି ସ୍ଥାନ ଓଏସଆରଟିସିର ହୋଇଥିବା ବେଳେ ସେମାନଙ୍କୁ ଜବରଦସ୍ତ ଉଚ୍ଛେଦ କରିବା କେଉଁ ନ୍ୟାୟର ବୋଲି ଦୋକାନୀମାନେ ଆରୋପ ଉଠାଇଛନ୍ତି। ସଦର ତହସିଲଦାରଙ୍କ ପକ୍ଷରୁ ଜାରି ହୋଇଥିବା ନୋଟିସରରେ ୩ଦିନ ମଧ୍ୟରେ ଦୋକାନ ଖାଲି କରିବାକୁ ନିର୍ଦ୍ଦେଶ କେତେ ଯଥାର୍ଥ ବୋଲି ସେମାନ ପ୍ରଶ୍ନ କରିଛନ୍ତି। ବସଷ୍ଟାଣ୍ଡର ଉନ୍ନତିକରଣକୁ ସେମାନେ ସ୍ୱାଗତ କରୁଛନ୍ତି ମାତ୍ର ସେମାନଙ୍କ ଥଇଥାନ ବାବଦରେ ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣର ଆବଶ୍ୟକତା ରହିଛି ବୋଲି ଦୋକାନୀମାନେ ପ୍ରକାଶ କରିଛନ୍ତି। ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ଗ୍ରହଣ ପାଇଁ ଦୋକାନୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏନେଇ ରଞ୍ଜନ ବାଗଙ୍କ ନେତୃତ୍ୱରେ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରଛନ୍ତି। ତେବେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଉଚିତ ପଦକ୍ଷେପ ନେବେ ବୋଲି ଜିଲାପାଳ ଦୋକାନୀମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ବାଗ ସୂଚନା ଦେଇଛନ୍ତି।

ଶିବସେନାର ଦୁର୍ଗତି ପାଇଁ ଶରଦ ପାୱାରଙ୍କୁ ଦାୟୀ କଲେ ରାମଦାସ କଦମ

ମୁମ୍ବାଇ, ୧୯/୦୭ (ନି.ପ୍ର): ମହାରାଷ୍ଟ୍ରର ପୂର୍ବ ମନ୍ତ୍ରୀ ରାମଦାସ କଦମ ଶିବସେନାର ରାନୀତିକ ଦୁର୍ଗତି ପାଇଁ ରାକାମ୍ପା ପ୍ରମୁଖ ଶରଦ ପାୱାରଙ୍କୁ ଦାୟୀ କରିଛନ୍ତି। କଦମ କହିଛନ୍ତି ଯେ ଶରଦ ପାୱାର ଶିବସେନଙ୍କୁ ଶେଷ କରିବାର ଉଦ୍ଦେଶ୍ୟରେ ହିଁ ଉଦ୍ଧବ ଠାକରେଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲେ। ପାୱାର ଶିବସେନାକୁ ଶେଷ କରିବାରକୁ ଚାହାଁନ୍ତି। ରାମଦାସ କଦମ ମଙ୍ଗଳବାର ଦିନ ସାମ୍ବାଦିକଙ୍କୁ କହିଛନ୍ତି ଯେ, ଶିବସେନା ଉପରେ ଆସିଥିବା ବର୍ତମାନର ସଂକଟ ପରେ ମଧ୍ୟ ଶରଦ ପାୱାର ଉଦ୍ଧବ ଠାକରେଙ୍କୁ ଗଭୀର ଭାବରେ ଭାବିବାକୁ ସମୟ ଦେଇନାହାଁନ୍ତି। ସୋମବାର ଶିବସେନାରୁ ଇସ୍ତଫା ଦେଇଥିବା କଦମ କହିଛନ୍ତି ଯେ ନିଜ ଜୀବନର ୫୨ ବର୍ଷ ସେ ଶିବସେନାର ଉନ୍ନତିରେ ଲଗାଇ ଦେଇଛନ୍ତି, କିନ୍ତୁ ଆଜି ଯେଉଁ ଶିବସେନାର ଅବସ୍ଥା ହେଉଛି, ସେଥିରେ ତାଙ୍କୁ ବହୁତ ଦୁଃଖ ହେଉଛି।

ପୂର୍ତ୍ତ ବିଭାଗ ରାସ୍ତାରେ ବିଶାଳ ଖାଲ, ପ୍ରତିଦିନ ଘଟୁଛି ଦୁର୍ଘଟଣା

ବାରିପଦା, ୧୯/୦୭ (ନି.ପ୍ର): ମୟୂରଭଂଜ ଜିଲ୍ଲା ଅନ୍ତର୍ଗତ ବୈଶିଙ୍ଗା-ରୂପସା ପୂର୍ତ୍ତ ବିଭାଗ ରାସ୍ତାର ବଙ୍ଗାଳିଡାହି-ବାଛୁରୀପଡା ମଝିରେ ଥିବା ପୋଲ ଉପରେ ସୃଷ୍ଟି ହୋଇଛି ବିଶାଳ ଖାଲ । ଦୀର୍ଘଦିନ ଧରି ଏହି ଖାଲ ସୃଷ୍ଟି ହୋଇଥିବା ବେଳେ କାହାରି ନଜର ପଡୁନାହିଁ । ରୂ